بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 8

ସଂଖ୍ୟା 03

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୬୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

19 ଜାନୁୟାରୀ 2023    19 ସୁଲାହ୍ 1401 ହି.ଶ    26 ଜମାଦିଉଲ୍ ସାନି 1444 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَاذۡکُرۡ رَّبَّکَ فِیۡ نَفۡسِکَ تَضَرُّعًا وَّخِیۡفَۃً وَّدُوۡنَ الۡجَہۡرِ مِنَ الۡقَوۡلِ بِالۡغُدُوِّ وَالۡاٰصَالِ وَلَا تَکُنۡ مِّنَ الۡغٰفِلِیۡنَ (اعراف:206)

ଅନୁବାଦ- ଏବଂ (ହେ ନବି !)ତୁମ୍ଭେ ତୁମ୍ଭର ପାଳନକର୍ତ୍ତାଙ୍କୁ ନିଜ ଅନ୍ତରରେ ବିନୀତ ଭାବେ ଏବଂ ଭୟ ସହିତ ଓ ନିମ୍ନ ସ୍ୱରରେ ସକାଳେ ଓ ସନ୍ଧ୍ୟା ବେଳେ ମଧ୍ୟ ସ୍ମରଣ କର ; ଏବଂ ଅମନଯୋଗୀମାନଙ୍କ ମଧ୍ୟରେ ଅନ୍ତର୍ଭୂକ୍ତ ହୁଅ ନାହିଁ ।

*(ସୁରଃ : ଅଲ ଆରାଫ: ୨୦୬)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ:ବ:କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍ଓ୍ୱରଅ:ବ:ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ:ବ:ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ୱ ବାରିକ୍‌ଲନା ଫି'ଉମ୍ରିହି ୱ ଅମ୍ରିହି ॥**

**ମୋ ନିକଟରେ ଜଣେ ଅଂହକାରୀ ତୁଳନାରେ ଜଣେ ମୂର୍ତ୍ତିପୂଜକ ବା ଜଣେ ଦୁଷ୍ଟ ବ୍ୟକ୍ତି କିଛି ବି ନୁହେଁ । କାରଣ ଅହଂକାରୀ ଲୋକଟି ଈଶ୍ୱରଙ୍କ ଉପାସନା କରିନଥାଏ ବରଂ ସେ ନିଜର ହିଁ ଉପାସନା କରିଥାଏ ।**

## ହଜରତ ମସିହ ମଉଦଆ:ସ:ଙ୍କ ନୀତି ବାଣୀ

**କୃତ୍ରିମତାରୁ ଦୂରେଇ ରହିବା ଉଚିତ:** ଯେତେବେଳେ ଅତିଥିମାନଙ୍କ ପାଇଁ ଗୋଟିଏ ଗୃହ ନିର୍ମାଣ କରିବାର ଆବଶ୍ୟକତା ପଡ଼ିଲା। ସେତେବେଳେ ହଜରତ ମସିହ ମଉଦ ଆ ସ ବାରମ୍ବାର ଏହି କଥା ଉପରେ ଜୋର ଦେଉଥିଲେ ଯେ ଇଟା ଏବଂ ପଥର ଉପରେ ଟଙ୍କା ଖର୍ଚ୍ଚ କରିବା ହେଉଛି ବ୍ୟର୍ଥ । ଏଠାରେ କିଛି ଦିନ ବିତାଇବା ପାଇଁ ଯେତିକି ହୋଇପାରୁଛି ସେତିକି କରନ୍ତୁ । ବଢ଼େଇ କାଠକୁ ରନ୍ଦା ସାହାଯ୍ୟରେ ସଫା କରୁଥିଲା । ହଜୁର ଆ ସ ତାକୁ ରୋକିଦେଲେ ଏବଂ କହିଲେ:

"ଏହା କେବଳ ଏକ ପ୍ରକାରର କୃତ୍ରିମତା ଏବଂ ତୁଚ୍ଛାକୁ ବିଳମ୍ବ ହେଉଛି ଲଘୁ କାର୍ଯ୍ୟ କର । ପୁଣି କହିଲେ : ଅଲ୍ଲାଃତାଲା ଭଲଭାବରେ ଜାଣିଛନ୍ତି ଯେ ଆମକୁ କୌଣସି ଘର ସହିତ କିଛି ବି ଲୋଭନାହିଁ । ଆମେ ନିଜ ଘରକୁ ନିଜ ଏବଂ ନିଜ ବନ୍ଧୁମାନଙ୍କ ସହିତ ଭାଗ କରିଥାଉଁ । ମୋର ବହୁତ ଇଚ୍ଛା ଯେ ଆମେ କିଛିଦିନ ଏକାଠି ମିଶି ବିତାନ୍ତୁ । ପୁଣି କହିଲେ ଯେ ଏପରି ଗୋଟିଏ ଘର ହୁଅନ୍ତା,ଯାହା ଚାରିପାଖରେ ମୋ ସାଙ୍ଗସାଥିମାନଙ୍କର ଘର ରହିଥିବ ଓ ସେମାନଙ୍କ ମଝିରେ ମୋ କୋଠରିଟି ଥିବ । ମୋର ପ୍ରତ୍ୟେକ ଘରେ ଗୋଟିଏ ଲେଖା ଝରକା ଥିବ ତାହା ସାହାଯ୍ୟରେ ମୁଁ ସମସ୍ତଙ୍କ ସହିତ ସବୁବେଳେ ସମ୍ପର୍କରେ ରହିପାରୁଥିବି"

**ସେବାକାର୍ଯ୍ୟ :** ଥରେ ନୂଆ ଘରେ ଖଟିଆ ପଡ଼ିଥିଲା, ସେଥିରେ ମୌଲଭି ଅବ୍ଦୁଲ କରିମ ସାହେବ ଶୋଇପଡ଼ିଥିଲେ । ତାଙ୍କିକଟରେ ହଜୁର ଟହଲୁଥିଲେ । କିଛି ସମୟ ପରେ ଉଠି ଦେଖନ୍ତି ଯେ ହଜୁର ଖଟିଆ ତଳେ ଭୂଇଁ ଉପରେ ଶୋଇଛନ୍ତି । ମୌଲଭି ସାହେବ ବିନମ୍ରତାର ସହିତ ଛିଡ଼ା ହୋଇଗଲେ । ହଜୁର ତାଙ୍କୁ ବହୁତ ସ୍ନେହର ସହିତ ପଚାରିଲେ ଯେ କାହିଁକି ଛିଡ଼ା ହୋଇଗଲ ? ସେ ହଜୁରଙ୍କୁ ସମ୍ମାନ ଦେବା ପାଇଁ ଏପରି କରିଥିଲେ । ଏଥିରେ ହଜୁର କହିଲେ :

"ମୁଁ ତ ତୁମର ପହରା ଦେଉଥିଲି । ପିଲାମାନେ ପାଟିତୁଣ୍ଡ କରୁଥିଲେ ତେଣୁ ମୁଁ ସେମାନଙ୍କୁ ରୋକୁଥିଲି ଯେ କାଳେ ତୁମର ନିଦରେ କୌଣସି ବ୍ୟାଘାତ ନ ହୋଇଯାଉ ।"

**ବିନମ୍ରତା:** ଲୋକମାନେ ହଜୁରଙ୍କ ସହିତ କଥାବାର୍ତ୍ତା କରିବାର ସମ୍ପୂର୍ଣ୍ଣ ସ୍ୱାଧିନତା ପାଇଥିଲେ । ପ୍ରତ୍ୟେକ ବିନା କୌଣସି ପ୍ରତିବନ୍ଧକରେ କଥା ହୋଇପାରୁଥିଲେ । ଏ ପ୍ରସଙ୍ଗରେ ହଜୁର କହିଲେ ଯେ :

"ମୋର ଏ ଧର୍ମ ନୁହେଁ ଯେ ମୁଁ ଏପରି କଠୋରତା ଏବଂ ଭୟଙ୍କର ଭାବରେ ବସିରହିବି ଯଦ୍ଦ୍ୱାରା ଲୋକମାନେ ମୋତେ ଏପରି ଭୟ କରନ୍ତୁ ଯେପରି ହିଂସ୍ରଜନ୍ତୁକୁ ଭୟ କରାଯାଇଥାଏ,ଏବଂ ମୁଁ ଗୋଟିଏ ମୂର୍ତ୍ତି ସଦୃଶ ବସି ରହିବାକୁ ଭିଷଣ ଘୃଣା କରେ । ମୁଁ ତ ମୂର୍ତ୍ତିପୂଜାକୁ ରଦ୍ଦ କରିବାକୁ ଆସିଛି, ନା କି ମୁଁ ନିଜେ ମୂର୍ତ୍ତି ହୋଇଯାଏ ଓ ଲୋକମାନେ ମୋତେ ପୂଜା କରନ୍ତୁ । ଅଲ୍ଲାଃତାଲା ଭଲ ଭାବରେ ଜଣିଛନ୍ତି ଯେ ମୁଁ ନିଜକୁ ଅନ୍ୟମାନଙ୍କ ଉପରେ କୌଣସି ପ୍ରକାରର ଅଗ୍ରାଧିକାର ଦେଇନଥାଏ । ମୋ ନିକଟରେ ଜଣେ ଅଂହକାରୀ ବ୍ୟକ୍ତି ତୁଳନାରେ ଜଣେ ମୂର୍ତ୍ତିପୂଜକ ବା ଜଣେ ଦୁଷ୍ଟ ବ୍ୟକ୍ତି କିଛି ବି ନୁହେଁ । କାରଣ ଅହଂକାରୀ ଲୋକଟି ଈଶ୍ୱରଙ୍କ ଉପାସନା କରିନଥାଏ ବରଂ ସେ ନିଜର ହିଁ ଉପାସନା କରିଥାଏ"

**(ମଲଫୁକାତ,ଗ୍ରନ୍ଥଖଣ୍ଡ-୧,ପୃ-୪୨୧**

**ପ୍ରକାଶିତ କାଦିଆନ ୨୦୧୮)**

## ନବୀ ସ:ଆ:ସଙ୍କ ବାଣୀ

### ପଶୁମାନଙ୍କୁ ପାଣି ପିଆଇବାରେ ପୁଣ୍ୟ

(୨୩୬୩) ହଜରତ୍ ଅବୁ ହୁରୈରାଃ ର ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ୍ ସ ଆ ସ କହିଲେ : ଥରେ ଜଣେ ଲୋକ (ରାସ୍ତାରେ) ଯାଉଥିଲା । ତାକୁ ବହୁତ ଶୋଷ ଲାଗିଲା । ତେଣୁ ସେ ଗୋଟିଏ କୂପ ମଧ୍ୟକୁ ଓହ୍ଲାଇଲା ଏବଂ ସେଥିରେ ଥିବା ପାଣିକୁ ପିଇଲା । ପାଣି ପିଇସାରିବା ପରେ ଯେବେ ବାହାରକୁ ବାହାରିଲା,ଦେଖିଲା ଯେ ଗୋଟିଏ କୁକୁର ଶୋଷରେ ହାମ୍ପି ହେଉଛି ଏବଂ ଭୀଷଣ ଶୋଷ ହେତୁ କାଦୁଅ ଚାଟୁଛି । ତେଣୁ ସେହି ଲୋକଟି (ମନେ ମନେ) କହିଲା ଯେ ଆକୁ ବି ସେହିପରି କଷ୍ଟ ହେଉଛି ଯେମିତି ମତେ ହେଉଥିଲା । ସୁତରାଂ ସେ ନିଜର ମୋଜାକୁ ଭିଜାଇ ତାକୁ ମୁହଁରେ ଧରି ଉପରକୁ ଚଢ଼ିଲା ଓ କୁକୁରଟିକୁ ପାଣି ପିଇବାକୁ ଦେଲା । ଅଲ୍ଲାଃତାଲା ତାର ଏହି କର୍ମକୁ ପ୍ରଶଂସା କଲେ ଏବଂ ତା ପାପକୁ କ୍ଷମା କରିଦେଲେ । ସାହାବାମାନେ ପଚାରିଲେ:ହେ ଅଲ୍ଲାଃଙ୍କ ରସୁଲ ! ପଶୁମାନଙ୍କୁ (ପାଣି ପିଆଇବା) ଯୋଗୁଁ କ'ଣ ଆମକୁ ପୁଣ୍ୟ ମିଳିବ ? ଏଥିରେ ମହାଭାଗ ସ ଆ ସ କହିଲେ:ପ୍ରତ୍ୟେକ ଜାଗାରେ ପୁଣ୍ୟ ହେବ,ଯିଏ ସତେଜ ଥିବ । (ଅର୍ଥାତ ପ୍ରତ୍ୟେକ ଜୀବ ସହିତ ଭଲ ବ୍ୟବହାର କରିବା ଦ୍ୱାରା ତାହାର ପୁଣ୍ୟ ମିଳିଥାଏ)

*(ସହି ବୁଖାରୀ, ଖଣ୍ଡ-୦୪,କିତାବୁଲ୍ ମସାକାଃ, ମୁଦ୍ରିତ କାଦିଆନ୍ ୨୦୦୮)*

⌘⌘⌘⌘⌘⌘⌘⌘⌘⌘⌘

**ପୂଣ୍ୟ କର୍ମ କରୁଥିବା ଲୋକର ହୃଦୟରେ ପୂଣ୍ୟର ଜ୍ୟୋତି ବଢ଼ି ଚାଲିଥାଏ ,ଏପରିକି ତାର ସମଗ୍ର ହୃଦୟଟି ଉଜ୍ଜ୍ୱଳ ହୋଇଯାଏ ଏବଂ ସେ ମୋକ୍ଷ ପ୍ରାପ୍ତ କରିନିଏ**

**ଓଡ଼ିଆ ବଦର ବର୍ଷ-୦୮ ସଂଖ୍ୟା ୦୧-୦୨ ପୃ-୦୧ ରେ ପ୍ରକାଶିତ ହଜରତ ମୁସଲେହ ମଉଦ ର ଅ ଙ୍କ ଦ୍ୱାରା କରାଯାଇଥିବା ସୁରଃ ବନି ଇସରାଇଲ ଆୟତ ନଂ-୧୪ର ବ୍ୟାଖ୍ୟା ର ଅବଶିଷ୍ଟାଂଶ.....**

ସୟଦନା ହଜରତ ମୁସଲେହ ମଉଦ ର ଅ ସୁରାଃ ବନି ଇସରାଇଲର ଆୟତ ***ୱ କୁଲ୍ଲା ଇନସାନିନ୍ ଅଲଜମନାହୁ ତାଇରହୁ ଫି ଉନୁକିହି । ୱ ନୁଖରିଜୁ ଲହୁ ୟୌମଲ୍ କିୟାମତି କିତାବନ ୟଲକାଆହୁ ମନଶୁରା ।*** ଅନୁବାଦ -ଏବଂ ଆମ୍ଭେ ପ୍ରତ୍ୟେକ ମନୁଷ୍ୟର ଗଳାରେ ତାହାର ଭାଗ୍ୟକୁ ବାନ୍ଧି ଦେଇଅଛୁ ; ଏବଂ ଆମ୍ଭେ କୟାମତ ଦିନ ତାହାର (କର୍ମର) ଏକ ପୁସ୍ତକ ପ୍ରସ୍ତୁତି କରି ତା' ସମ୍ମୁଖରେ ରଖିଦେବୁ ଯାହାକୁ ସେ (ସମ୍ପୂର୍ଣ୍ଣ)ଉନ୍ମୁକ୍ତ ଥିବାର ଦେଖିବାକୁ ପାଇବ । (ସୁରଃ ବନି ଇସରାଇଲ ଆୟତ ନଂ-୧୪)ର ବ୍ୟାଖ୍ୟା କରି ବର୍ଣ୍ଣନା କରିଛନ୍ତି ଯେ : ହଦିସରେ ଆସିଛି ଯେ ପ୍ରତ୍ୟେକ କର୍ମର ପ୍ରଭାବ ମଣିଷର ହୃଦୟ ଉପରେ ପଡ଼ିଥାଏ । ଯଦି ସେ ପୁଣ୍ୟକର୍ମ କରେ ତାହେଲେ ତାହାର ହୃଦୟ ଉପରେ ନୂର (ଜ୍ୟୋତି) ର ଏକ ଚିହ୍ନ ସୃଷ୍ଟି ହୋଇଯାଏ । ଯଦି ସେ କୁକର୍ମ କରେ,ତା ହୃଦୟରେ ଏକ କଳା ଦାଗ ପଡ଼ିଯାଏ । ସେହିପରି ପୂଣ୍ୟ କର୍ମ କରୁଥିବା ଲୋକର ହୃଦୟରେ ପୂଣ୍ୟର ଜ୍ୟୋତି ବଢ଼ି ଚାଲିଥାଏ ,ଏପରିକି ତାର ସମଗ୍ର ହୃଦୟଟି ଉଜ୍ଜ୍ୱଳ ହୋଇଯାଏ ଏବଂ ସେ ମୋକ୍ଷ ପ୍ରାପ୍ତ କରିନିଏ । ଠିକ ସେହିପରି କୁକର୍ମ କରୁଥିବା ଲୋକଟିର ହୃଦୟରେ ଲାଗିଥିବା କଳାଦାଗଟି ବଢ଼ିଚାଲିଥାଏ ଏପରିକି ଗୋଟିଏ ଦିନ ଏମିତି ଆସିଥାଏ ତାର ସମଗ୍ର ହୃଦୟଟି କଳା ପଡ଼ିଯାଏ। କିଛି ଲୋକ ଏଠାରେ ତାଇରର ଅର୍ଥ ଭାଗ୍ୟ ବୋଲି ଅଭିହିତ କରିଥାନ୍ତି । କିନ୍ତୁ ଏହି ଅର୍ଥ ଏଠାରେ ହୋଇପାରିବ ନାହିଁ । କାରଣ ତାଇର କହି ଏହା ବତା ଯାଇଅଛି ଯେ ମଣିଷ ନିଜ କର୍ମର ସ୍ରଷ୍ଟା ନିଜେ । ଖୁଦାତାଲା ଯାହା ଧାର୍ଯ୍ୟ କରିବେ ତାହାକୁ ପଥର ବା ଯୁଆଳି କୁହାଯିବ ତାକୁ ତାଇର କୁହାଯାଇପାରିବ ନାହିଁ ।

ଏହି ଅର୍ଥ ବି ହୋଇପାରେ ଯେ ପ୍ରତ୍ୟେକ ବ୍ୟକ୍ତିର ଭାଗ୍ୟ ବା ଦୁର୍ଭାଗ୍ୟ ତାହାର ବେକରେ ବନ୍ଧା ହୋଇ ରହିଛି , କିନ୍ତୁ ସେ ଅନ୍ୟ ଜିନିଷଗୁଡ଼ି ମଧ୍ୟରେ ଯାଇ ନିଜର ଭାଗ୍ୟକୁ ଖୋଜି ବୁଲୁଛି । ଏଠାରେ ବେକ ଶବ୍ଦଟି ଏଇଥିପାଇଁ ବ୍ୟବହାର କରାଯାଇଛି ଯେ ମଣିଷ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ ......*

*ପୃଷ୍ଠା- ୧ ର ଅବଶିଷ୍ଟାଂଶ ......*

ଯେବେ ଭଲ କାମ କରେ,ନିଜର ମୁଣ୍ଡକୁ ଉଚ୍ଚା କରିଦିଏ କିନ୍ତୁ ଯେବେ ଖରାପ କାମ କରେ, ସେ ଅପମାନ ହେତୁ ନିଜର ବେକକୁ ତଳକୁ କରିଦିଏ । ଅତେବ ଏହି ଶବ୍ଦଟିର ବ୍ୟବହାର କରାଯିବା ଏଥି ପ୍ରତି ଧ୍ୟାନ ଆକର୍ଷଣ କରୁଅଛି ଯେ ମଣିଷ ନିଜ କର୍ମର ମୂଲ୍ୟାଙ୍କନ ନିଜ ବେକରୁ ହିଁ କରିନେଉ । ଅର୍ଥାତ ସେ ଦେଖିନେଉ ଯେ ସେ ନିଜ ସାଙ୍ଗସାଥି ତଥା ବସାଉଠା କରୁଥିବା ନିଜ ବନ୍ଧୁମାନଙ୍କ ମଧ୍ୟରେ ନିଜର ବେକ ଉପରକୁ ଉଠାଇ ପାରୁଛି କି ନାହିଁ । ଯଦି ତାହାର ହୃଦୟ ଏବଂ ତା ସାଙ୍ଗସାଥିମାନେ ତାକୁ ନିଖୁଣ ବୋଲି ଅଭିହିତ କରୁଛନ୍ତି,ତାହେଲେ ବୁଝିନିଅନ୍ତୁ ଯେ ତାର ପାଦ ପୁଣ୍ୟମାର୍ଗରେ ରହିଛି । କିନ୍ତୁ ଯଦି ତା ମନ ଏବଂ ତା ସାଙ୍ଗସାଥିମାନେ ତା'ମଧ୍ୟରେ ଶହେ ପ୍ରକାରର ମଇଳା ପାଉଥିବେ,ତେବେ ଲୋକମାନଙ୍କ ମଧ୍ୟରେ ଗର୍ବ କରି କ'ଣ ବା ଲାଭ ମିଳିପାରିବ । ***(ତଫସୀର କବୀର ଖ-୪ ପୃ-୩୧୨ ମୁଦ୍ରିତ କାଦିଆନ)***

⌘⌘⌘⌘⌘⌘⌘⌘⌘⌘⌘

**ଓଡ଼ିଆ ବଦର ସଂଖ୍ୟା ୦୧-୦୨ ବର୍ଷ-୦୮ ପୃ-୦୩ ରେ ପ୍ରକାଶିତ ଖୁତବା ଜୁମ୍ମ ପ୍ରଦତ ୨୬ ଅଗଷ୍ଟ ୨୦୨୨ର ଅବଶିଷ୍ଟାଂଶ.....**

ଅଜନାଦୀନ ବିଜୟ ପରେ ହଜରତ ଖାଲିଦ ବିନ୍ ୱ୍ଲିଦ ର ଅ ହଜରତ ଅବୁ ବକର ର ଅ ଙ୍କୁ ଗୋଟିଏ ଚିଠି ଜରିଆରେ ଏହି ସୁସମାଚାର ଶୁଣାଇଲେ । ସେହି ଲେଖାଟି ଥିଲା ଏପରି -ଅସସଲାମୁ ଆଲୈକୁମ -ମୁ ଆପଣଙ୍କୁ ଏ ସୂଚନା ଦେଉଅଛି ଯେ ଆମ ମଧ୍ୟରେ ଏବଂ ମୁସରିକ(ଅନେକେଶ୍ୱରବାଦୀ)ମାନଙ୍କ ମଧ୍ୟରେ ଯୁଦ୍ଧ ଅନୁଷ୍ଠିତ ହେଲା ଏବଂ ସେମାନେ ଆମ ସମ୍ମୁଖରେ ବଡ଼ ବଡ ସୈନ୍ୟବାହିନୀ ଅଜନାଦୀନରେ ଏକତ୍ରିତ କରିଥିଲେ । ସେମାନେ ନିଜର ସଲିବ (କୃଶ) କୁ ଉଠାଇ ରଖିଥିଲେ ,ପୁସ୍ତକକୁ ଉଠାଇ ରଖିଥିଲେ ଏବଂ ସେମାନ ଈଶ୍ୱରଙ୍କ ରାଣ ଖାଇ ଏ ଶପଥ କରି ରଖିଥିଲେ ଯେ ଯେପର୍ଯ୍ୟନ୍ତ ଆମକୁ ନିଶେଷ ନକରିଦେବେ ବା ଆମକୁ ଏହି ସହରରୁ ବାହାର କରି ନଦେଇଛନ୍ତି ସେପର୍ଯ୍ୟନ୍ତ ସେମାନେ ରଣ କ୍ଷେତ୍ରକୁ ଛାଡ଼ି ପଳାୟନ କରିବେ ନାହିଁ । ଆମେମାନେ ମଧ୍ୟ ଅଲ୍ଲାଃଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ତଥା ତାହାଙ୍କ ଉପରେ ପୂର୍ଣ୍ଣ ଭରସା ରଖି ଯୁଦ୍ଧ କରିବା ପାଇଁ ବାହାରିଲୁଁ । ତା ପରେ ଆମେ ସେମାନଙ୍କ ଉପରେ କିଛି ମାତ୍ରାରେ ନେଜା (ବର୍ଚ୍ଛା) ଦ୍ୱାରା ଆଘାତ ଦେଲୁ, ପୁଣି ଆମେ ତରବାରୀ ବାହାର କଲୁ । ସେହି ତରବାରୀ ଜରିଆରେ ଶତୃମାନଙ୍କ ଉପରେ ଏତେ ସମୟ ପ୍ରହାର କରିଚାଲିଲୁ ଯେତେ ସମୟ ଗୋଟିଏ ଓଟକୁ ଜେବହ (ହଲାଲ) କରି ତାକୁ ପ୍ରସ୍ତୁତ କରାଯାଇଥାଏ ।

ତାପରେ ପୁଣି ଅଲ୍ଲାଃତାଲା ନିଜର ସାହାଯ୍ୟ ପଠାଇଲେ, ନିଜର ପ୍ରତିଶୃତିକୁ ପୂରଣ କଲେ ଏବଂ କାଫିର (ଅର୍ଥାତ ଅବିଶ୍ୱାସକାରୀ)ମାନଙ୍କୁ ପରାସ୍ତ କଲେ । ଆମେ କାଫିରମାନଙ୍କ ପ୍ରଶସ୍ତ ରାସ୍ତା, ସେମାନଙ୍କର ପ୍ରତ୍ୟେକ ଘାଟି ଓ ପ୍ରତ୍ୟେକ ନିମ୍ନସ୍ଥାନରେ ସେମାନଙ୍କୁ ନିହତ କଲୁ। ନିଜର ଶତୃଙ୍କୁ ଅପମାନିତା କରିବା ଓ ନିଜ ବନ୍ଧୁମାନଙ୍କ ପ୍ରତି ଉତମ ବ୍ୟବହାର କରିବା ଯୋଗୁ ସମସ୍ତ ପ୍ରଶଂସା ଅଲ୍ଲାଃତାଲାଙ୍କର । ଯେବେ ଏହି ଚିଠିଟି ହଜରତ ଅବୁ ବକର ର ଅଙ୍କ ସମ୍ମୁଖରେ ପଢି ଶୁଣାଗଲା,ସେତେବେଳେ ହଜରତ ଅବୁ ବକର ର ଅ ମୃତ୍ୟୁସଯ୍ୟାରେ ଥିଲେ । ତାଙ୍କୁ ଏହି ବିଜୟର ଖବର ଆନନ୍ଦିତ କଲା । ସୁତରାଂ ଆପଣ ର ଅ କହିଲେ,ଅଲହମଦୁଲିଲ୍ଲାଃ ! ସମସ୍ତ ପ୍ରଶଂସାର ପାତ୍ର ହେଉଛନ୍ତି ସ୍ୱୟଂ ଅଲ୍ଲାଃତାଲା,ଯିଏ ମୁସଲମାନମାନଙ୍କୁ ସାହାଯ୍ୟ କରିଛନ୍ତି । ଏହି ଖବର ମୋ ଆଖିକୁ ଶୀତଳତା ପ୍ରଦାନ କରଛି । ***(ତାରିଖୁଲ ଖମିସ ଖ-୦୩,ପୃ-୨୩୧-୨୩୨ ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୯)***

ଅଜନାଦୀନ ଯୁଦ୍ଧ ସମ୍ୱନ୍ଧରେ ଏ ଦ୍ୱନ୍ଦ ରହିଛି ଯେ ଏହା କେବେ ଅନୁଷ୍ଠିତ ହୋଇଥିଲା ? କେତେକଙ୍କ ନିକଟରେ ତ ଏହା ହଜରତ ଉମର ର ଅଙ୍କ ଖିଲାଫତ ସମୟରେ ଅନୁଷ୍ଠିତ ହୋଇଥିଲା । ଏ ପ୍ରସଙ୍ଗରେ ଗୋଟିଏ ବ୍ୟାଖ୍ୟା ରହିଛି,ସେ ବିଷୟରେ ମୁଁ ଏଠାରେ କିଛି ବର୍ଣ୍ଣନା କରିଦେଉଛି । ଯେମିତି ଏ ପ୍ରଶ୍ନ ଉଠିଥାଏ ଯେ ଏହା କେବେ ଅନୁଷ୍ଠିତ ହୋଇଥିଲା ? ଅତେବ ଏ ବାବତରେ ବିଭିନ୍ନ ରିୱାୟତ ମିଳିଥାଏ । ଗୋଟିଏ ରିୱାୟତ ମୁତାବକ ଏହି ଯୁଦ୍ଧ ତେର ହିଜରୀରେ ହଜରତ ଅବୁ ବକର ର ଅଙ୍କ ଦେହାନ୍ତର ଚବିଶି ଦିନ ବା ବାଇଶି ଦିନ ବା ଚଉତିରିଶି ଦିନ ପୂର୍ବରୁ ଅନୁଷ୍ଠିତ ହୋଇଥିଲା । ***(ତାରିଖୁଲ ଖମିସ ଖ-୦୩, ପୃ-୨୩୨ ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୯) (ଫୁତୁହୁଲ ବୁଲଦାନ ଲିଇମାମେ ଅବିଲ ହସନ ଅଲବଲାଜରୀ, ପୃ-୭୪,ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୦)***

ଆଉ କେତେକ ଐତିହାସିକ କୁହନ୍ତି ଯେ ଏହି ଯୁଦ୍ଧ ୧୫ ହିଜରୀରେ ହଜରତ ଉମର ର ଅ ଙ୍କ ଖିଲାଫତ ସମୟରେ ହୋଇଥିଲା । ***(ଅଲକାମିଲ ଫିତ ତାରିଖ ,ଖ-୦୨, ପୃ-୨୬୬,ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୨)***

ସେ ଯାହା ବି ହେଉ ଆମ ଅନୁସନ୍ଧାନକାରୀମାନଙ୍କ ମତ ହେଉଛି ଏହା ଯେ ଏହି ଯୁଦ୍ଧ ଅଜନାଦୀନଠାର ଦୁଇଥର ହୋଇଥିଲା । ସୁତରାଂ ସେମାନଙ୍କର ଏହି ମତ ଠିକ ଲାଗୁଛି ଯେ ସମ୍ଭବତଃ ଏହା ଅଜନାଦୀନଠାରେ ଦୁଇଥର ଅନୁଷ୍ଠିତ ହୋଇଥିଲା । ପ୍ରଥମ ଥର ହଜରତ ଅବୁ ବକର ର ଅଙ୍କ ଖିଲାଫତ ସମୟରେ ଏବଂ ଦ୍ୱିତୀୟ ଥର ହଜରତ ଉମର ର ଅଙ୍କ ଖିଲାଫତ ସମୟରେ ଅନୁଷ୍ଠିତ ହୋଇଥିଲା । କାରଣ କେତେକ ଇତିହାସ ପୁସ୍ତକରେ ଉପରୋକ୍ତ ଦୁଇଟି ଘଟଣାର ବିବରଣୀ ପୃଥକ ପୃଥକ ଭାବରେ ବର୍ଣ୍ଣନା କରାଯାଇଛି । ତେର ହିଜରୀରେ ହୋଇଥିବା ଯୁଦ୍ଧର କମାଣ୍ଡର ଥିଲେ ହଜରତ ଖାଲିଦ୍ ବିନ ୱ୍ଲିଦ ଏବଂ ପନ୍ଦର ହିହରୀରେ ଅନୁଷ୍ଠିତ ହୋଇଥିବା ଯୁଦ୍ଧର କମାଣ୍ଡର ଥିଲେ ହଜରତ ଅମରୋ ବିନ ଆସ ର ଅ । ସେ ଯାହା ବି ହେଉ ଏ ବିଷୟ ବିଷୟରେ ଅଲ୍ଲାଃତାଲା ଭଲ ଭାବରେ ଜାଣିଥିବେ । ଅଲ୍ଲାଃ ହେଉଛନ୍ତି ସର୍ବଜ୍ଞ ।

ଫତହ ଦମସ୍କ (ଦମସ୍କ ବିଜୟ) ବିଷୟରେ ସବିଶେଷ ତଥ୍ୟ ରହିଛି । ତାହା ଇନଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରାଯିବ ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ସ ଆ ସଙ୍କୁ ତାଙ୍କ ସହିତ ଏକ ଆଦର୍ଶପୂର୍ଣ୍ଣ ପ୍ରେମ ଥିଲା । ଇମାମ ଶାବିଇ ରହେମହୁଲ୍ଲାଃ ବର୍ଣ୍ଣନା କରିଛନ୍ତି ଯେ ଯେବେ ମସରୁକ ହଜରତ ଆଇଶାଙ୍କଠାରୁ କୌଣସି ରିୱୟତ ବର୍ଣ୍ଣନା କରନ୍ତି ,କୁହନ୍ତି ମୋତେ ସିଦ୍ଦିକା ବିନତେ ସିଦ୍ଦିକ କହିଛନ୍ତି । ଯିଏ ହେଉଛନ୍ତି ଅଲ୍ଲାଃଙ୍କର ପ୍ରିୟତମମାନଙ୍କ ମଧ୍ୟରୁ ପ୍ରିୟତମା ଏବଂ ଯାହାଙ୍କର ନିର୍ଦ୍ଦୋଷତାକୁ ଅଲ୍ଲାଃତାଲା ସ୍ୱୟଂ ପ୍ରକାଶ କରିଛନ୍ତି ।

ତାଙ୍କର ଦେହାନ୍ତ ୫୭ ହିଜରୀରେ ଷାଠିଏ ବର୍ଷ ବୟସରେ ହୋଇଥିଲା । ଆଉ ଗୋଟିଏ ରିୱାୟତରେ ତାଙ୍କର ଦେହାନ୍ତ ୫୮ ହିଜରୀରେ ହୋଇଥିଲା ବୋଲି ବର୍ଣ୍ଣନା ହୋଇଛି ।

ହଜରତ ଅବୁ ବକର ସିଦ୍ଦିକ ର ଅଙ୍କର ଷଷ୍ଠ ସନ୍ତାନ ଥିଲେ ଉମ୍ମେ କୁଲସୁମ ବିନତ ଅବୁ ବକର । ସେ ହଜରତ ହବିବା ବିନତ ଖାରିଜାଃ ଅନସାରୀୟାଙ୍କ ଗର୍ଭରୁ ଜନ୍ମ ହୋଇଥିଲେ । ହଜରତ ଅବୁ ବକର ସିଦ୍ଦିକ ର ଅ ନିଜ ମୃତ୍ୟୁ ସମୟରେ ହଜରତ ଆଇଶାଙ୍କୁ କହିଲେ ଯେ ତୁମର ଦୁଇଜଣ ଭାଇ ଏବଂ ଦୁଇଜଣ ଭଉଣୀ ଅଛନ୍ତି । ହଜରତ ଆଇଶା ର ଅ କହିଲେ ଇଏ ମୋ ଭଉଣୀ ଅସମାଅ । ମୁଁ ତ ଆଙ୍କୁ ଜାଣିଛି । କିନ୍ତୁ ମୋର ଆଉ ଜଣେ ଭଉଣୀ କିଏ ? ହଜରତ ଅବୁ ବକର ସିଦ୍ଦିକ ର ଅ କହିଲେ ଆଉ ଜଣେ ଖାରିଜାଃଙ୍କ ଗର୍ଭରେ ରହିଛି । ଅର୍ଥାତ ଏବେ ସେ ଜନ୍ମ ହୋଇନାହିଁ । ଯିଏ ଜନ୍ମ ହେବାକୁ ଅଛି ସେ ଝିଅ ହେବ । ସେ କହିଲେ ମୋ ମନ ଭିତରେ ଏକଥା ବସା ବାନ୍ଧିଦେଲା ଯେ ଖାରିଜାଃଙ୍କ ଗର୍ଭରୁ ଝିଅ ଜନ୍ମ ହେବ । ଅତେବ ଠିକ ସେହିପରି ହିଁ ହେଲା । ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଦେହାନ୍ତ ପରେ ଉମ୍ମେ କୁଲସୁମଙ୍କର ଜନ୍ମ ହେଲା । ଉମ୍ମେ କୁଲସୁମଙ୍କ ବିବାହ ହଜରତ ତଲହା ବିନ ଉବୈଦୁଲ୍ଲାଃ ର ଅଙ୍କ ସହିତ ହୋଇଥିଲା,ଯିଏ ଜମଲ ଯୁଦ୍ଧରେ ଶହୀଦ ହୋଇଥିଲେ ।

**(ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ପୃ-୪୮-୫୨ ଅଲଫୁରକାନ୍ ଷ୍ଟ୍ରିଟ୍ ଖାନ୍ ଗଡ଼ ପାକିସ୍ତାନ)*(ଅଲବିଦାୟାଃ ୱନ ନହାୟାଃ,ଖ-୦୮,ପୃ-୫୮, ୯୯ ,ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୧)(ଉସଦୁଲ ଗାବାଃ ,ଖ-୦୫,ପୃ-୯୮,ଦାରୁଲ କୁତୁବୁଲ ଅଲମିୟା ବେରୁତ )(ଅଲଅସାବାଃ ,ଖ-୦୮ ,ପୃ-୩୯୨,ଦାରୁଲ କୁତୁବୁଲ ଅଲମିୟା ବେରୁତ )***

ଆଉ କେତେକ ରିୱାୟତ ମୁତାବକ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କର ଆଉ ଜଣେ ଝିଅଙ୍କର ବିବାହ ହଜରତ ବିଲାଲ ର ଅଙ୍କ ସହିତ ହୋଇଥିଲା ଏବଂ ଏହା ମଧ୍ୟ ବର୍ଣ୍ଣନା କରାଯଇଥାଏ ଯେ ଏହି ଝିଅ ଜଣକ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଚାରିଜଣ ପତ୍ନୀମାନଙ୍କ ମଧ୍ୟରୁ କୌଣସି ଜଣେ ପତ୍ନୀଙ୍କ ପ୍ରଥମ ସ୍ୱାମୀଙ୍କ ସନ୍ତାନ ମଧ୍ୟରୁ ଥିଲେ । ***(ସିରତ ସୟଦନା ସିଦ୍ଦିକ ଅକବର ର ଅ, ଅଜ୍ ଉମର ଅବୁଲ ନସର (ମୁତରଜିମ) ପୃ-୬୪୭,ମୁଶତାକ ବୁକ କର୍ଣ୍ଣର ଲାହୋର)***

ହଜରତ ଅବୁ ବକର ସିଦ୍ଦିକ ର ଅକିପରି ପ୍ରାଶାସନ ଚଳାଉଥିଲେ,ସେ ବିଷୟରେ ଉଲ୍ଲେଖ ରହିଛି ଯେ ଯେବେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କୁ କୌଣସି ପରାମର୍ଶର ଆବଶ୍ୟକତା ପଡୁଥିଲା ଏବଂ ବୁଦ୍ଧିଜୀବୀମାନଙ୍କର ମତାମତ ଆବଶ୍ୟକ ହେଉଥିଲା ବା ଫିକ୍କା ସମସ୍ୟାର ସମାଧାନ କରିବା ପାଇଁ ନ୍ୟାୟପାଳର ଆବଶ୍ୟକ ହେଉଥିଲା ସେତେବେଳେ ଆପଣ ର ଅ ମୁହାଜିର ଏବଂ ଅନସାରମାନଙ୍କ ମଧ୍ୟରୁ ହଜରତ ଉମର ର ଅ, ହଜରତ ଉସମାନ ର ଅ, ହଜରତ ଅଲୀ ର ଅ, ହଜରତ ଅବି ବିନ କାଆବ ର ଅ ଏବଂ ହଜରତ ଜୈଦ୍ ବିନ ସାବିତ ର ଅଙ୍କୁ ଡ଼କାଉଥିଲେ । ***(ତବକାତୁଲ କୁବରାଃ ,ଖ-୦୨,ପୃ-୨୬୭,ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୧୨)*** ବେଳେ ବେଳେ ଅଧିକ ସଂଖ୍ୟାରେ ମୁହାଜିର ଏବଂ ଅନସାରମାନଙ୍କୁ ଏକାଠି କରୁଥିଲେ ।

ହଜରତ ମୁସଲେହ ମଉଦ ର ଅ ଶାୱିର ହୁମ (ଆଲେ ଇମରାନ :୧୬୦)ର ବ୍ୟାଖ୍ୟା କରି ଏହାର ବର୍ଣ୍ଣନା ଏପରି କରିଛନ୍ତି ଯେ ଏହି ଗୋଟିଏ ଶବ୍ଦ ଉପରେ ଅନୁଧ୍ୟାନ କରା ଏଥିରୁ ଜଣାପଡୁଛି ଯେ ପରାମର୍ଶ ନେଉଥିବା ବ୍ୟକ୍ତି ହେଉଛନ୍ତି ଜଣେ । ଦୁଇ ଜଣ ବି ନୁହେଁ । ଏବଂ ଯାହାଙ୍କଠାରୁ ପରାମର୍ଶ ନେବ ସେମାନେ କୌଣସି ପ୍ରକାରେ ତିନି ବା ତିନିରୁ ଅଧିକ ହୋଇଥିବେ । ପୁଣି ସେ ଏମାନଙ୍କ ପରାମର୍ଶ ଉପରେ ବିଚାର କରନ୍ତୁ । ତାପରେ ଏ ନିର୍ଦ୍ଦେଶ ରହିଛି ଯେ ଫଇଜା ଅଜମତା ଫତୱକ୍କଲ୍ ଅଲଲ୍ଲାଃ (ଆଲେ ଇମରାନ:୧୬୦) ଅର୍ଥାତ ତୁମେ ଯେତେବେଳେ (କୌଣସି ବିଷୟରେ)ଦୃଢ ସଂକଳ୍ପ କରିନିଅ,ସେତେବେଳେ ଅଲ୍ଲାଃଙ୍କ ଉପରେ ଭରସା କର । ଏବଂ କାହାର ବି ପରବାଏ କରନାହିଁ । ଅର୍ଥାତ ପରାମର୍ଶ ନେବା ଲୋକ ପରାମର୍ଶ ନିଅନ୍ତୁ । ତାପରେ , ପରାମର୍ଶ ନେବା ପରେ ଏହାର ବିଶ୍ଳେଷଣ କରି ତାଉପରେ ପରିଚାଳିତ ହୁଅନ୍ତୁ । ପୁଣି କାହାର ପରୁଆ କରନ୍ତୁ ନାହିଁ । ପୁଣି ଆପଣ ର ଅ ଲେଖିଛନ୍ତି ଯେ ହଜରତ ଅବୁ ବକର ର ଅ ଙ୍କ ଖିଲାଫତ ସମୟରେ ଏହି ସଂକଳ୍ପର ବିଶେଷ ଦୃଷ୍ଟାନ୍ତ ରହିଛି । ଯେବେ ଲୋକମାନେ ମୁରତଦ୍ (ଅର୍ଥାତ ଇସଲାମକୁ ଛାଡି ବିଦ୍ରୋହୀ) ହୋଇଗଲେ ସେତେବେଳେ ହଜରତ ଅବୁ ବକର ର ଅ ଙ୍କୁ ପରାମର୍ଶ ଦିଆଗଲା ଯେ ଆପଣ ର ଅ ସେହି ସୈନ୍ୟବାହିନୀକୁ ରୋକି ଦିଅନ୍ତୁ ଯାହା ଉସାମାଃଙ୍କ ନେତୃତ୍ୱରେ ଯୁଦ୍ଧ ଅଭିଯାନରେ ବାହାରିଥିଲା ।

କ୍ରମଶଃ......

# : ଖୁତ୍‌ବା ଜୁମା :

କେତେକ ଐତିହାସିକ ଏହା ବର୍ଣ୍ଣନା କରିଛନ୍ତି ଯେ ଦମସ୍କ ବିଜୟ ହଜରତ ଉମର ରଜିୟଲ୍ଲାହୁ ତାଲା ଅନହୁଙ୍କ ଖିଲାଫତ ସମୟରେ ହୋଇଥିଲା । କିନ୍ତୁ ଦମସ୍କରେ ଅନୁଷ୍ଠିତ ଏହି ଯୁଦ୍ଧ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଖିଲାଫତ ସମୟରେ ଆରମ୍ଭ ହୋଇସାରିଥିଲା କିନ୍ତୁ ଯେତେବେଳେ ଦମସ୍କ ବିଜୟର ଖବର ମଦିନା ପଠାଗଲା,ସେତେବେଳେ ହଜରତ ଅବୁ ବକର ର ଅଙ୍କ ଦେହାନ୍ତ ହୋଇସାରିଥିଲା ।

## ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଦିକେ ଅକବର୍,ହଜରତ୍ ଅବୁ ବକର୍ ର ଅ ଙ୍କ ବାବରକତ ଖିଲାଫତ୍ ସମୟରେ ରୋମାନ ସାମ୍ରାଜ୍ୟ ବିରୁଦ୍ଧରେ କରାଯାଇଥିବା ଶେଷ ଯୁଦ୍ଧ ଅର୍ଥାତ ଦମସ୍କ ବିଜୟର ବ୍ୟାପକ ଚର୍ଚ୍ଚା

ଦକ୍ଷିଣ ପାଲେଷ୍ଟାଇନର ସଦର ଜମାତ ଶ୍ରୀମାନ ଉମର ଅବୁ ଅରକୁବ ସାହେବ,ଶେଖ୍ ନାସିର ଅହେମଦ ସାହେବ ମଠି ଥରପାର୍କର ନିବାସୀ,ମଲକ ସୁଲତାନ ଅହେମଦ ସାହେବ ପୂର୍ବତନ ମୁଅଲ୍ଲିମ ସାହେବ ୱକଫେ ଜଦିଦ ଏବଂଶ୍ରୀମାନ ମହବୁବ ଅହେମଦ ରାଜିକୀ ସାହେବ ସାଆଦୁଲ୍ଲାଃପୁର ଜିଲ୍ଲା ମଣ୍ଡି ବାହାଉଦ୍ଦୀନ ନିବାସୀ ଙ୍କ ସୁଗୁଣାବଳୀଗୁଡ଼ିକର ବ୍ୟାପକ ଚର୍ଚ୍ଚା ଏବଂ ନମାଜ ଜନାଯାଃ ପାଠ ।
ମୋ ବାପା ରୋଗ ସଯ୍ୟାରେ ପଡ଼ି ମଧ୍ୟ ମତେ ଏ ଉପଦେଶ ଦେଉଥିଲେ ଯେ ମୋ ମୃତ୍ୟୁରେ ଦୁଃଖ କରିବ ନାହିଁ । ପୁଣି ହଜରତ ବିଲାଲ ର ଅ ଙ୍କର ଗୋଟିଏ କଥନ ବାରମ୍ବାର ଆବୃତି କରିଚାଲିଥିଲେ । ***ଗଦନ ଅଲକଲ ଅହିବବାଃ ମୁହମ୍ମଦନ ୱ ସହବହୁ*** ଅର୍ଥାତ ମୁଁ କାଲି ନିଜ ପ୍ରିୟ ଆକା ମୁହମ୍ମଦ ସ ଆ ସ ଏବଂ ସାହାବା ର ଅଙ୍କ ସହିତ ଭେଟିବି ।
(ଶ୍ରୀମାନ ଉମର ଅବୁ ଅରକୁବ ସାହେବଙ୍କ ପୁତ୍ର)

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ୍ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ: ୦୨ ସେପ୍ଟେମ୍ବର ୨୦୨୨ ଅନୁଯାୟୀ ୦୨ ତବୁକ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜରତ ଅବୁ ବକର ର ଅଙ୍କ ଖିଲାଫତ ସମୟରେ ଯେଉଁ ଯୁଦ୍ଧ ଅନୁଷ୍ଠିତ ହୋଇଥିଲା,ସେ ସମ୍ବନ୍ଧରେ ଚର୍ଚ୍ଚା ଚାଲିଥିଲା । ଏହି ପ୍ରସଙ୍ଗରେ ମୁଁ ତେର ହିଜରୀରେ ଅନୁଷ୍ଠିତ ହୋଇଥିବା ଦମସ୍କ ବିଜୟ ବିଷୟରେ କିଛି ବିବରଣୀ ଉପସ୍ଥାପନ କରିବାକୁ ଯାଉଛି । ହଜରତ ଅବୁ ବକର ର ଅଙ୍କ ଖିଲାଫତ ସମୟରେ ଯେଉଁ ଯୁଦ୍ଧ ସବୁ ହୋଇଥିଲା,ଏହି ଯୁଦ୍ଧ ଥିଲା ଶେଷ ଯୁଦ୍ଧ । ଦମସ୍କ ସହରଟି ଯେଉଁ ସ୍ଥାନରେ ଅବସ୍ଥିତ,ତାହା ହେଉଛି ଏପରିକି ପ୍ରାଚୀନ ସିରିଆ ଦେଶରେ ଏହି ସହରଟି ସିରିଆର ରାଜଧାନୀ ଥିଲା ଏବଂ ଏହି ସହରର ଏକ ଐତିହାସିକ ପୃଷ୍ଠଭୂମି ରହିଛି । ପ୍ରାରମ୍ଭରୁ ଏହି ସହରଟି ପିତୁଳା ପୂଜାର ଗୋଟିଏ ବଡ଼ କେନ୍ଦ୍ର ଥିଲା । କିନ୍ତୁ ଯେତେବେଳେ ଖ୍ରୀଷ୍ଟ ଧର୍ମ ସେଠାରେ ପ୍ରବେଶ କଲା,ସେଠିକାର ପିତୁଳା ପୂଜାପୀଠଗୁଡ଼ିକୁ ଚର୍ଚ୍ଚରେ ପରିଣତ କରିଦିଆଗଲା। ଏହା ଗୋଟିଏ ମହତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଥିଲା । ସେଠାରେ ଆରବମାନେ ମଧ୍ୟ ରହୁଥିଲେ ଏବଂ ମୁସଲମାନମାନଙ୍କ ବାଣିଜ୍ୟିକ କାଫିଲା ସେଠାକୁ ଯାଉଥିଲେ । ସେଇଥିପାଇଁ ମୁସଲମାନମାନେ ସେହି ସ୍ଥାନ ବିଷୟରେ ଜାଣିଥିଲେ । ଦିମସ୍କ ଗୋଟିଏ ଦୁର୍ଗ ଆକାରର ପାଚେରୀ ଭିତରେ ଆବୃତ ରହିଥିବା ସହର ଥିଲା । ସୁରକ୍ଷା ବ୍ୟବସ୍ଥା ଏବଂ ସ୍ଥାୟୀତ୍ୱ ଦୃଷ୍ଟି କୋଣରୁ ତାହାର ଗୋଟିଏ ସ୍ୱତନ୍ତ୍ର ସ୍ଥାନ ଥିଲା । ସେହି ସହରର କାନ୍ଥଗୁଡ଼ିକ ବଡ଼ ବଡ଼ ପଥର ଦ୍ୱାରା ନିର୍ମିତ ହୋଇଥିଲା । ସେହି କାନ୍ଥଗୁଡ଼ିକର ଉଚ୍ଚତା ଛଅ ମିଟର ଥିଲା । ସେଥିରେ ବହୁତ ମଜଭୁତ ଫାଟକ ଲଗାଯାଇଥିଲା । କାନ୍ଥର ମୋଟେଇ ତିନି ମିଟର ଥିଲା । ଫାଟକଗୁଡ଼ିକୁ ବହୁତ ସୁଦୃଢତାର ସହିତ ବନ୍ଦ କରାଯାଉଥିଲା । କାନ୍ଥର ଚାରିପଟେ ଗଭୀର ଗଡ଼ଖାଇ ଖୋଳାଯାଇଥିଲା । ଯାହାର ଚଉଡ଼ା ତିନି ମିଟର ଥିଲା । ସେହି ଖନ୍ଦକ (ଗଡ଼ଖାଇ) କୁ ସବୁବେଳେ ନଦୀ ଜଳରେ ପୂର୍ଣ୍ଣକରି ରଖାଯାଉଥିଲା । ଏହିପରି ଭାବରେ ଦମସ୍କ ଏକ ଶକ୍ତିଶାଳୀ ଏବଂ ସୁରକ୍ଷିତ ସ୍ଥିତିରେ ଥିଲା,ସେଥିରେ ପ୍ରବେଶ କରିବା ସହଜ ନଥିଲା । (ସୟଦନା ଉମର ବିନ ଖତାବ ର ଅ ଅଜ ଅଲୀ ମୁହମ୍ମଦ ସଲାବୀ,ପୃ-୭୨୫,ମକତବାଃ ଅଲଫୁରକାନ ମୁଜଫର ଗଢ)

ଯେବେ ହଜରତ ଅବୁ ବକର ର ଅ ସିରିଆ ଆଡ଼କୁ ବିଭିନ୍ନ ସେନାକୁ ପ୍ରେରଣ କଲେ,ସେତେବେଳେ ହଜରତ ଅବୁ ଉବୈଦାଃ ର ଅ ଙ୍କୁ ଗୋଟିଏ ସେନାର ଅମୀର ଭାବରେ ନିଯୁକ୍ତ କରି ହିମସଠାରେ ପହଂଚିବାକୁ ଆଦେଶ ଦେଲେ । ହିମସ ଥିଲା ଦମସ୍କ ନିକଟସ୍ଥ ସିରିଆର ଗୋଟିଏ ପ୍ରାଚୀନ ଓ ପ୍ରସିଦ୍ଧ ସହର । ***(ତାରିଖେ ତିବରୀ ଭା-୦୨,ପୃ-୩୩୩,ଦାରୁଲ କୁତୁବୁଲ ଅଲମିୟା ବେରୁତ ଲେବନାନ ୨୦୧୨)(ଫରହଙ୍ଗ ସିରତ, ପୃ-୧୦୬,ଜୱାର ଏକାଡ଼େମୀ କାରାଚି)***

ହଜରତ ଅବୁ ବକର ର ଅଙ୍କ ଆଦେଶକ୍ରମେ ହଜରତ ଖାଲିଦ ବିନ ୱଲିଦ ର ଅ ଦମସ୍କରେ ପହଂଚି ଅନ୍ୟ ଇସଲାମୀୟ ସେନାମାନଙ୍କ ସହିତ ମିଶି ଦମସ୍କକୁ ଘେରିନେଲେ । ଦମସ୍କବାସୀ କିଲ୍ଲାର କାନ୍ଥ ଉପରେ ଚଢି ମୁସଲମାନମାନଙ୍କ ଉପରକୁ ପଥର ଏବଂ ତୀର ବର୍ଷା କଲେ । ମୁସଲମାନମାନେ ନିଜକୁ ଚମଡ଼ା ନିର୍ମିତ ଢାଲ ସାହାଯ୍ୟରେ ରକ୍ଷା କରୁଥିଲେ । ମଉକା ମିଳିବା ମାତ୍ରେ ମୁସଲମାନମାନେ ମଧ୍ୟ ସେମାନଙ୍କ ଉପରକୁ ତୀର ନିକ୍ଷେପ କରୁଥିଲେ । ଏହିପରି କୋଡ଼ିଏ ଦିନ ବିତିଯାଇଥିଲେ ମଧ୍ୟ କିଛି ଫଳ ମିଳିଲା ନାହିଁ ।

ଦମସ୍କର ଅଧିବାସୀ କିଲ୍ଲା ମଧ୍ୟରେ ବନ୍ଦ ହୋଇ ରହିଥିବା ଯୋଗୁଁ ଭିଷଣ ଅଭାବରେ ଥିଲେ । କିଲ୍ଲାରେ ସାମଗ୍ରୀ ମଧ୍ୟ ଶେଷ ହେବାକୁ ଯାଉଥିଲା । ଏତତବ୍ୟତୀତ ଦମସ୍କର ଅଧିବାସୀମାନଙ୍କର କ୍ଷେତ ଜମି ଗୁଡ଼ିକ ମଧ୍ୟ କିଲ୍ଲା ବାହାରେ ଥିଲା । ତେଣୁ ସେମାନଙ୍କ ଚାଷ କାର୍ଯ୍ୟ କ୍ଷତିଗ୍ରସ୍ତ ହେଉଣଥିଲା । କିଲ୍ଲା ଭିତରକୁ ଶସ୍ୟ ପହଂଚି ପାରୁ ନଥିଲା । ଉପଭୋକ୍ତା ସାମଗ୍ରୀର ବି ଅଭାବ ଥିଲା । ଘେରାବନ୍ଦୀ ବହୁତ ଦିନ ପର୍ଯ୍ୟନ୍ତ ରହିବା ଯୋଗୁଁ ଦମସ୍କର ଅଧିବାସୀମାନେ ଭିଷଣ ଅସୁବିଧାର ସମ୍ମୁଖିନ ହେଉଥିଲେ ଓ କଷ୍ଟରେ ଜୀବନ କାଟୁଥିଲେ । ଯେତେବେଳେ ସେହି ଘେରାନ୍ଦୀକୁ କୋଡ଼ିଏ ଦିନ ବିତିଗଲା,ସେତେବେଳେ ମୁସଲମାନମାନଙ୍କୁ ଏ ଖବର ମିଳିଲା ଯେ ସମ୍ରାଟ ହିରକଲ୍ ଅଜନାଦୀନଠାରେ ରୋମୀମାନଙ୍କର ଏକ ବିଶାଳ ସୈନ୍ୟବାହିନୀକୁ ଏକତ୍ରିତ କରିଛି । ଏ ଖବର ଶୁଣିବା ପରେ ହଜରତ ଖାଲିଦ ର ଅ ବାବେ ଶରକୀ (ପୂର୍ବ ଫାଟକ) ରୁ ବାହାରି ବାବେ ଜାବିୟାରେ ଥିବା ହଜରତ ଅବୁ ଉବୈଦାଃଙ୍କ ନିକଟକୁ ଆସିଲେ,ଏବଂ ତାଙ୍କୁ ସମସ୍ତ କଥା ଜଣାଇବା ସହିତ ନିଜର ଏ ପରାମର୍ଶ ଦେଲେ ଯେ ଆମେ ଦମସ୍କର ଘେରାବନ୍ଦୀକୁ ଛାଡ଼ି ଅଜନାଦୀନଠାରେ ଥିବା ରୋମାନ ସେନା ସହିତ ମୁକାବିଲା କରିବା । ଯଦି ଅଲ୍ଲାଃତାଲା ଆମକୁ ସେଠାରେ ବିଜୟ ପ୍ରଦାନ କରନ୍ତି,ତାହେଲେ ଆମେ ଏଠାକୁ ଚଲି ଆସିବା ଓ ଦମସ୍କର ସମସ୍ୟାକୁ ସମାଧାନ କରିନେବା । ହଜରତ ଅବୁ ଉବୈଦାଃ ର ଅ କହିଲେ ଯେ ମୋ ମତ ଆପଣଙ୍କ ମତଠାରୁ ଭିନ୍ନ । କାରଣ କୋଡ଼ିଏ ପର୍ଯ୍ୟନ୍ତ କିଲ୍ଲାରେ ଘେରାବନ୍ଦୀ ହୋଇ ରହିବା ଯୋଗୁଁ ଦମସ୍କବାସୀ ବହୁ ଅସୁବିଧାର ସମ୍ମୁଖିନ ହେଲେଣି ଏବଂ ଆମର ଭୟ ସେମାନଙ୍କ ମନ ଭିତରେ ଭରି ଗଲାଣି । ଯଦି ଆମେ ଏଠାରୁ ଚାଲିଯିବା ତାହେଲେ ସେମାନଙ୍କୁ ସୁବିଧା ମିଳିଯିବ,ଫଳତଃ ସେମାନଙ୍କୁ ଖାଦ୍ୟ ପେୟ

ଇତ୍ୟାଦି ଜିନିଷ ବହୁମାତ୍ରାରେ କିଲ୍ଲା ଭିତରେ ମହଜୁଦ ରଖିବା ପାଇଁ ସୁଯୋଗ ମିଳିଯିବ ଏବଂ ଯେବେ ଆମେମାନେ ଅଜନାଦୀନରୁ ଏଠାକୁ ପୁଣି ଫେରିବା,ଏମାନେ ଲମ୍ବା ସମୟ ପର୍ଯ୍ୟନ୍ତ ଆମକୁ ପ୍ରତିରୋଧ କରିବା ପାଇଁ ସମର୍ଥ ହେବେ। ହଜରତ ଖାଲିଦ ର ଅ ହଜରତ୍ ଅବ ଉବୈଦାଃ ର ଅଙ୍କ ମତରେ ସହମତି ପ୍ରଦାନ କରି ଦମସ୍କର ଘେରାବନ୍ଦୀକୁ ଜାରି ରଖିଲେ ଏବଂ ଦମସ୍କ କିଲ୍ଲାରେ ଥିବା ବିଭିନ୍ନ ଫାଟକରେ ମୁସଲମାନମାନଙ୍କ ସମସ୍ତ ନିଯୁକ୍ତ ମୁଖିଆମାନଙ୍କୁ ଏ ଆଦେଶ ଦେଲେ ଯେ ସେମାନେ ନିଜଆଡୁ ଜୋରଦାର ଆକ୍ରମଣ ଜାରି ରଖନ୍ତୁ ।

ହଜରତ୍ ଖାଲିଦ ର ଅଙ୍କ ଆଦେଶ ଉପରେ ପରିଚାଳିତ ହୋଇ ଇସଲାମୀୟ ସେନା ସବୁ ଦିଗରୁ ଭୟଙ୍କର ଆକ୍ରମଣ ଆରମ୍ଭ କରିଦେଲେ । ଏହିପରି ଭାବରେ ଦମସ୍କର ଘେରାବନ୍ଦୀକୁ ଏକୋଇଶି ଦିନ ବିତିଗଲା ।

ହଜରତ ଖାଲିଦ ବିନ ୱଲିଦ ର ଅ ମୁସଲମାନମାନଙ୍କୁ ଆହୁରି ତିବ୍ର ଭାବରେ ଭୟଙ୍କର ଆକ୍ରମଣ କରିବା ପାଇଁ ଆଦେଶ ଦେଇ ନିଜେ ବାବେ ଶରକୀରୁ ଭିଷଣ ଆକ୍ରମଣ ଜାରି ରଖିଲେ । ଦମସ୍କବାସୀ ଏବେ ଭିଷଣ ଅସୁବିଧାର ସମ୍ମୁଖିନ ହେଲେ । ସେମାନେ ହିରକଲ ସମ୍ରାଟର ସାହାଯ୍ୟକୁ ଅପେକ୍ଷା କରି ରହିଥିଲେ । କିନ୍ତୁ ହଜରତ ଖାଲିଦ ର ଅ ତୁହାକୁ ତୁହା କ୍ରମାଗତ ଭାବରେ ଆକ୍ରମଣ ଜାରି ରଖିଥିଲେ । ସେ ଏମିତି ନିଜର ଆକ୍ରମଣକୁ ଜାରି ରଖିଥିଲେ ଯେ,ଏହି ଅବଧିରେ ସେ ଦେଖିବାକୁ ପାଇଲେ ଯେ କିଲ୍ଲା କାନ୍ଥ ଉପରେ ମୃତୟନ ଥିବା ରୋମାନ ସେନା ହଠାତ କରତାଳି ମାରି ନାଚିବାକୁ ଲାଗିଲେ ଏବଂ ଆନନ୍ଦ ପ୍ରକାଶ କରିବାକୁ ଲାଗିଲେ । ଏହି ଦୃଶ୍ୟକୁ ମୁସଲମାନମାନେ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲେ । ହଜରତ ଖାଲିଦ ବିନ ୱଲିଦ ର ଅ ଯେବେ ଗୋଟିଏ ଦିଗକୁ ଚାହିଁଲେ, ଦେଖିବାକୁ ପାଇଲେ ଯେ ସେହି ଦିଗରେ ବଡ଼ ଆକାରରେ ଧୂଳିରେ ପରିପୂର୍ଣ୍ଣ ଗୋଟିଏ ବେଲୁନ ସଦୃଶ ଦୃଶ୍ୟ ଦେଖାଦେଉଛି । ସେଇଥିପାଇଁ ଆକଶ ଅନ୍ଧାର ଦିଶୁଛି । ଅର୍ଥାତ ଦିନ ସମୟରେ ବି ଅନ୍ଧାର ଦେଖାଦେଉଥିଲା । ହଜରତ ଖାଲିଦ ବିନ ୱଲିଦ ର ଅ ଏହା ଦେଖି ତୁରନ୍ତ ବୁଝିନେଲେ ଯେ ଦମସ୍କବାସୀଙ୍କୁ ସାହାଯ୍ୟ କରିବା ପାଇଁ ହିରକଲ ସମ୍ରାଟର ସେନା ଆସୁଅଛି । ଅଳ୍ପ ସମୟ ମଧ୍ୟରେ ସୂଚନାକାରୀ ମଧ୍ୟ ଏ ଖବରକୁ ନିଶ୍ଚିତ କରିଦେଲେ ଯେ ଆମେ ପାହାଡ଼ର ଘାଟି ତରଫରୁ ଗୋଟିଏ ବିଶାଳ ସୈନ୍ୟବାହିନୀକୁ ଦେଖିଅଛୁ,ଏବଂ ତାହା ନିଶ୍ଚିତ ଭାବରେ ରୋମାନ ସେନା । ହଜରତ୍ ଖାଲିଦ ର ଅ ତୁରନ୍ତ ଆସି ଏହି ପରିସ୍ଥିତି ବିଷୟରେ ହଜରତ୍ ଅବୁ ଉବୈଦାଃ ର ଅଙ୍କୁ ଜଣାଇଲେ,ତତସହିତ ଏହା କହିଲେ ଯେ ମୁଁ ଏହା ମନସ୍ଥ କରିଛି ଯେ ସମସ୍ତ ସେନାକୁ ଧରି ହିରକଲ ସମ୍ରାଟ ପଠାଇଥିବା ସେନା ସହିତ ଯୁଦ୍ଧ କରିବି । ତେଣୁ ଏ ପ୍ରସଙ୍ଗରେ ଆପଣଙ୍କର କ'ଣ ମତ ? ହଜରତ୍ ଅବୁ ଉବୈଦାଃ ର ଅ କହିଲେ ଯେ ବର୍ତ୍ତ ଏପରି କରିବା ଉପଯୁକ୍ତ ନୁହେଁ । କାରଣ ଯଦି ଆମେ ଏହି ସ୍ଥାନକୁ ଛାଡ଼ିଦେବା, ତାହେଲେ ଦମସ୍କବାସୀ କିଲ୍ଲା ବାହାରକୁ ଆସି ଆମ ସହିତ ଯୁଦ୍ଧ କରିବେ । ଗୋଟିଏ ପଟେ ହିରକଲ ସମ୍ରାଟ ପଠାଇଥିବା ସେନା ଆମ ଉପରେ ଆକ୍ରମଣ କରିଦେବେ ଏବଂ ଅନ୍ୟ ପାର୍ଶ୍ୱରୁ ଦମସ୍କବାସୀ ଆକ୍ରମଣ କରିଦେବେ । ଏହିପରି ଭାବରେ ଆମେମାନେ ରୋମାନ ସେନାର ଦୁଇଟି ସୈନ୍ୟବାହିନୀ ମଧ୍ୟରେ ରହି ବଡ଼ ଅଡୁଆରେ ପଡ଼ିଯିବା ।

ଏଥିରେ ହଜରତ ଖାଲିଦ ର ଅ କହିଲେ: ତାହେଲେ ପୁଣି ଆପଣଙ୍କର କଣ ମତ ? ହଜରତ ଅବୁ ଉବୈଦାଃ ର ଅ କହିଲେ ଯେ : ତୁମେ ଜଣେ ସାହାସୀ ଏବଂ ବୀର ଯୋଦ୍ଧାଙ୍କୁ ନିର୍ବାଚିତ କର ଏବଂ ତା ସାଥିରେ ଗୋଟିଏ ଦଳକୁ ଶତ୍ରୁମାନଙ୍କ ସହିତ ଲଢିବା ପାଇଁ ପ୍ରେରଣ କରିଦିଅ । ସୁତରାଂ ହଜରତ ଖାଲିଦ୍ ବିନ ୱଲିଦ ର ଅ ହଜରତ୍ ଜିରାର ବିନ ଅଜୱର ର ଅଙ୍କୁ ପାଂଚ ଶହ ଅଶ୍ୱାରୋହୀ ବିଶିଷ୍ଟ ସେନା ଦେଇ ରୋମୀୟ ସେନାଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପଠାଇଲେ । ଆଉ ଏକ ରିୱାୟତରେ ଆସିଛି ଯେ ହଜରତ୍ ଜିରାର ବିନ ଅଜୱର ର ଅଙ୍କ ସହିତ ଯେଉଁ ସେନାକୁ ପଠାଯାଇଥିଲା,ତାହାର ସଂଖ୍ୟା ଥିଲା ପାଂଚ ହଜାର । ***(ମରଦାନ ଆରବ, ଭା-୦୧, ଅଜ ଅବ୍ଦୁଲ ସତତାର ହମଦାନୀ,ପୃ-୨୦୩-୨୦୪,ଅକବର ବୁକ ସେଲ୍ସ ଲାହୋର) (ଫତୁହୁସ ଶାମ ଅଜ ୱାକଦୀ,ଖ-୦୧,ପୃ-୪୮)***

ସେ ଯାହା ବି ହେଉ ହଜରତ୍ ଜିରାର ବିନ ଅଜୱର ର ଅ ପାଂଚ ଶହ ସିପାହୀଙ୍କୁ ସାଥିରେ ଧରି ବା ସେନା ସଂଖ୍ୟା ଯାହା ବି ଥିଲା,ତାହାକୁ ଧରି ରୋମୀୟ ସେନା ଆଡ଼କୁ ବାହାରି ଗଲେ। କେତେକ ସିପାହି ରୋମାନ ସେନାକୁ ଦେଖି ହଜରତ୍ ଜିରାର ବିନ ଅଜୱର ର ଅ ଙ୍କୁ କହିଲେ ଏହି ସେନା ତ ବହୁତ ବଡ଼ ସେନା । ଯେବେକି ଆମେ କେବଳ ପାଂଚ ଶହ । ତେଣୁ ଭଲ ହେବ ଯେ ଆମେ ଏଠାରୁ ଚାଲ ଲେଉଟି ଚାଲିଯିବା ଏବଂ ନିଜ ସେନା ସହିତ ମିଶି ଏମାନଙ୍କ ସହିତ ଯୁଦ୍ଧ କରିବା । ଏକଥା ଶୁଣି ହଜରତ୍ ଜିରାର ବିନ ଅଜୱର ର ଅ କହିଲେ : ବହୁ ସଂଖ୍ୟକ ଶତ୍ରୁମାନଙ୍କୁ ଦେଖି ଭୟ କରନାହିଁ । ଈଶ୍ୱର ଅନେକ ଥର ଆମର କମ ସଂଖ୍ୟାକୁ ଅଧିକ ଉପରେ ବିଜୟ ପ୍ରଦାନ କରିଛନ୍ତି । ସେ ଏବେ ବି ଆମକୁ ସାହାଯ୍ୟ କରିବେ । ହେ ମୋର ସାଥିମାନେ ! ଏଠାରୁ ଫେରି ଚାଲିଯିବାର ଅର୍ଥ ହେଉଛି ଜିହାଦରୁ ମୁହଁ ଫେରାଇନେବା । ଯାହା ଅଲ୍ଲାଃତାଲାଙ୍କୁ ପସନ୍ଦ ନୁହେଁ । କ'ଣ ତୁମେମାନେ ଆରବର ସାହସିକତା ଏବଂ ବଳିଦାନକୁ ଉପରେ କାଳିମା ଲେପିଦେବ ! ଯିଏ ଫେରିବାକୁ ଚାହୁଁଛି ସେ ଫେରିଯାଉ । କିନ୍ତୁ ମୁଁ ଯୁଦ୍ଧ କରିବି। ଇସଲାମର ନାମକୁ ଉଚ୍ଚା କରିବି । ଅଲ୍ଲାଃତାଲା ମତେ ପଳାୟନ କରିବା ଲୋକମାନଙ୍କ ମଧ୍ୟର ନ ଦେଖନ୍ତୁ ।

ସମସ୍ତ ମୁସଲମାନ ଗୋଟିଏ ସ୍ୱରରେ କହିଲେ ଯେ ଆମେ ଇସଲାମ ପାଇଁ ବଳିଦାନ ଦେବୁ । ଶହୀଦ ହେବାର ମାନ୍ୟତା ପାଇବୁ । ଅର୍ଥାତ ଆମେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ଅଛୁ। ଏହା ଶୁଣି ହଜରତ୍ ଜିରାର ବିନ ଅଜୱର ର ଅ ଖୁସି ହୋଇଗଲେ । ଅତେବ ସେ ଏ ନିର୍ଦ୍ଦେଶ ଦେଲେ ଯେ ଶତ୍ରୁଙ୍କ ଉପରେ ଏକା ଥରେକେ ଆକ୍ରମଣ କରି ତାକୁ ତଳି ତଳାନ୍ତ କରିଦିଅ । ମୁସଲମାନ ଏବଂ ହଜରତ୍ ଜିରାର ବିନ ଅଜୱର ର ଅ ରୋମାନ ସେନା ଉପରେ ଆକ୍ରମଣ ଜାରି ରଖିଲେ ଏବଂ ନିର୍ଭିକତାର ସହିତ ଯୁଦ୍ଧ କରିଚାଲିଲେ । ରୋମାନ ସେନାପତିର ପୁତ୍ର ହଜରତ ଜିରାର ର ଅଙ୍କ ଉପରେ ଆକ୍ରମଣ କଲା ଏବଂ ତାଙ୍କ ବାମ ହାତ ଉପରକୁ ବର୍ଚ୍ଛା ମାରିଲା । ଫଳତଃ ହଜରତ ଜିରାର ର ଅଙ୍କ ହାତରୁ ରକ୍ତ ପ୍ରବାହିତ ହେଲା । କିଛି ସମୟ ପରେ ହଜରତ ଜିରାର ର ଅ ତା ଛାତିକୁ ବର୍ଚ୍ଛା ମାରି ତାକୁ ଶେଷ କରିଦେଲେ । ବର୍ଚ୍ଛାଟି ଯାଇ ତା ଛାତିରେ ପଶି ଅଟକି ରହିଲା ଏବଂ ବର୍ଚ୍ଛାର ଫଳକଟି ତା ଛାତି ଭିତରେ ଭାଙ୍ଗିଗଲା । ରୋମାନ ସେନା ହଜରତ ଜିରାର ର ଅଙ୍କ ହାତରେ ବର୍ଚ୍ଛା ନଥିବା ଦେଖି ତାଙ୍କ ଉପରେ ଆକ୍ରମଣ କରିଦେଲେ ଏବଂ ହଜରତ ଜିରାରଙ୍କୁ ବନ୍ଦି କରିଦେଲେ । ***(ଇସଲାମୀ ଜଙ୍ଗେ, ପୃ-୧୨୩-୧୨୫,ଅଜ ରଫିକ ଅଞ୍ଜୁମ ମର୍କ୍କି ଦାରୁଲ କୁତୁବ ଲାହୋର)(ମରଦାନ ଆରବ, ଭା-୦୧, ଅଜ ଅବ୍ଦୁଲ ସତତାର ହମଦାନୀ,ପୃ-୨୦୬,ଅକବର ବୁକ ସେଲ୍ସ ଲାହୋର)*** କାରଣ ତାଙ୍କ ହାତରେ ଅସ୍ତ୍ର ନଥିଲା ।

ସାହାବାମାନେ ଯେବେ ଦେଖିଲେ ଯେ ହଜରତ ଜିରାର ର ଅ ବନ୍ଦୀ ହୋଇଯାଇଛନ୍ତି, ସେମାନେ ଦୁଃଖରେ ଭାଙ୍ଗି ପଡ଼ିଲେ । ସୁତରାଂ ସେମାନେ ତାଙ୍କୁ ମୁକୁଳାଇବା ପାଇଁ ଅନେକ ଥର ଆକ୍ରମଣ କଲେ,କିନ୍ତୁ ତାଙ୍କୁ ମୁକୁଳାଇ ପାରିଲେ ନାହିଁ । ଯେବେ ହଜରତ ଜିରାରଙ୍କୁ ବନ୍ଦୀ କରାଯିବାର ଖବର ହଜରତ ଖାଲିଦ ର ଅ ଶୁଣିଲେ,ସେ ବହୁତ ବ୍ୟତି ବ୍ୟସ୍ତ ହୋଇଗଲେ,ତାପରେ ସେ ନିଜ ସାଥିମାନଙ୍କଠାରୁ ରୋମାନ ସେନା ବିଷୟରେ ସୂଚନା ପ୍ରାପ୍ତ କରି ହଜରତ ଅବୁ ଉବୈଦାଃ ର ଅଙ୍କ ସହିତ ପରାମର୍ଶ କଲେ ଏବଂ ଆକ୍ରମଣ କରିବା ବିଷୟରେ ମତାମତ ଲୋଡ଼ିଲେ । ହଜରତ ଅବୁ ଉବୈଦାଃ ର ଅ କହିଲେ ଯେ ଦମସ୍କକୁ ଘେରାଉଟ କରିବାର ପ୍ରବନ୍ଧ କରି ଆପଣ ରୋମାନ ସେନା ଉପରେ ଆକ୍ରମଣ କରିପାରିବେ । ଯେହେତୁ ସେତେବେଳେ ସେନାର ସେନାପତି ହଜରତ ଅବୁ ଉବୈଦାଃ ର ଅ ଥିଲେ,ତେଣୁ ତାଙ୍କ କଥାକୁ ମାନି ହଜରତ ଖାଲିଦ ର ଅ ଘେରାଉଟ କରିବାର ପ୍ରବନ୍ଧ କରିବା ପରେ ନିଜ ସାଥିମାନଙ୍କୁ ସାଥିରେ ଧରି ଶତ୍ରୁମାନଙ୍କ ପଛରେ ଅନୁଧାବନ କଲେ ଏବଂ ସାଥିମାନଙ୍କୁ ଆଦେଶ ଦେଲେ ଯେ ଶତ୍ରୁ ତୁମମାନଙ୍କୁ ମିଳିବା ମାତ୍ରେ, ଶତ୍ରୁଙ୍କ ଉପରେ ଅଚାନକ ଆକ୍ରମଣ କରିଦେବା ଯଦି ଜିରାରଙ୍କୁ ସେମାନେ ହତ୍ୟା ନକରିଥିବେ, ତାହେଲେ କାଳେ ଆମେ ଜିରାରଙ୍କୁ ମକୁଳାଇ ପାରିବା । କିନ୍ତୁ ଯଦି ସେମାନେ ଜିରାରଙ୍କୁ ହତ୍ୟା କରିଦେଇଥିବେ,ତେବେ ଅଲ୍ଲାଃଙ୍କ ରାଣ ! ଆମେ ଜିରାରଙ୍କ ହତ୍ୟାର ପ୍ରତିଶୋଧ ସେମାନଙ୍କଠାରୁ ସମ୍ପୂର୍ଣ୍ଣ ରୂପେ ନେବା । କିନ୍ତୁ ମୁଁ ଆଶା ରଖିଛି ଯେ ଅଲ୍ଲାଃତାଲା ଆମକୁ ଜିରାରଙ୍କ ସମ୍ବନ୍ଧରେ କୌଣସି ପ୍ରକାରର ଦୁଃଖ ପହଂଚାଇବେ ନାହିଁ । ଏହି ଅବଧି ମଧ୍ୟରେ ହଜରତ୍ ଖାଲିଦ ର ଅ ଜଣେ ଅଶ୍ୱାରୋହୀଙ୍କୁ ଗୋଟିଏ ସୁନ୍ଦର ଲାଲ ରଙ୍ଗର ଘୋଡ଼ା ଉପରେ ଆରୋହଣ କରିବା ଦେଖିଲେ । ତା ହାତରେ ଗୋଟିଏ ଲମ୍ବା ଚକଚକିଆ ବର୍ଚ୍ଛା ଥିଲା । ତା ଅଙ୍ଗ ଭଙ୍ଗୀରୁ ତାର ସାହସ,ବୁଦ୍ଧିମତା ଏବଂ ସାମରିକ ଦକ୍ଷତା ସ୍ପଷ୍ଟ ରୂପେ ପରିପ୍ରକାଶ ହେଉଥିଲା । ସେ ଯୁଦ୍ଧ ସାଞ୍ଜୁ ଉପରେ ବସ୍ତ୍ର ପରିଧାନ କରି ରଖିଥିଲା । ତାର ସମଗ୍ର ଶରୀର ଏବଂ ଚେହେରା ସମ୍ପୂର୍ଣ୍ଣ ଭାବରେ ଢାଙ୍କି ହୋଇ ରହିଥିଲା ।

ହଜରତ୍ ଖାଲିଦ ର ଅ ଇଚ୍ଛା ପୋଷଣ କଲେ ଯେ କାଳେ ! ମୁଁ ଏହା ଜାଣି ପାରିବି କି ଏହି ଅଶ୍ୱାରୋହୀ ଜଣଙ୍କ କିଏ ? ଅଲ୍ଲାଃଙ୍କ ରାଣ ! ଏହି ଲୋକ ଜଣକ ଅତ୍ୟନ୍ତ ସାହସୀ ଜଣା ପଡୁଛନ୍ତି । ସବୁ ଲୋକେ ତା ପଛେ ପଛେ ତାକୁ ଅନୁସରଣ କରି କରୁଥିଲେ । ଇସଲାମୀୟ ସେନା ଯେତେବେଳେ କୁଫାର (ଅବିଶ୍ୱାସକାରୀ) ମାନଙ୍କ ନିକଟତର ହେଲା, ଲୋକମାନେ ସେହି ଅଶ୍ୱାରୋହୀଙ୍କୁ ରୋମାନ ସେନାଙ୍କ ଉପରେ ଏମିତି ଆକ୍ରମଣ ଆରମ୍ଭ କରିଦେବାର ଦୃଶ୍ୟ ଦେଖିଲେ ଯେମିତି ଚିଲ ଚଢ଼େଇମାନଙ୍କ ଉପରେ ଝପଟି ଆକ୍ରମଣ କରିଥାଏ । ସେହି ଲୋକଟିର ଗୋଟିଏ ଆକ୍ରମଣରେ ଶତ୍ରୁପକ୍ଷଙ୍କ ମଧ୍ୟରେ ଆତଙ୍କ ଖେଳିଗଲା । ସେ ମୃତମାନଙ୍କୁ ଗଦା କରି ଚାଲିଲେ । ଏହି ପରି ସେ ଆଗକୁ ବଢି ଶତ୍ରୁଙ୍କ ସେନାର ମଧ୍ୟ ଭାଗରେ ଯାଇ ପ୍ରବେଶ କରିଗଲେ । ସେ ଯେହେତୁ ନିଜ ଜୀବନକୁ ବାଜି ଲଗାଇ ସାରିଥିଲା,ସେଥିପାଇଁ ପୁନର୍ବାର ପାଲଟା ଆକ୍ରମଣ କଲା ଏବଂ କାଫିରଙ୍କ ସେନା ମଧ୍ୟରେ ପ୍ରବେଶ କରିଗଲା । ତା ସମ୍ମୁଖକୁ ଯିଏ ବି ଆସୁଥିଲା,ସେ ତାକୁ ଖଣ୍ଡ ଖଣ୍ଡ କରି ଚିରି ପକାଉ ଥିଲା । କିଛି ଲୋକଙ୍କ ମତରେ ସେହି ଲୋକ ଜଣକ ହଜରତ ଖାଲିଦ୍ ର ଅ ହିଁ ହୋଇପାରନ୍ତି । ରାଫେ ଆଶ୍ଚର୍ଯ୍ୟ ଚକିତ ହୋଇ ଖାଲିଦଙ୍କୁ ପଚାରିଲେ ଯେ ଏହି ଲୋକ ଜଣକ କିଏ ? ହଜରତ ଖାଲିଦ୍ ର ଅ କହିଲେ : ମୁଁ ଜାଣିନାହିଁ । ମୁଁ ନିଜେ ଆଶ୍ଚର୍ଯ୍ୟ ଯେ ଏହି ଲୋକ ଜଣକ କିଏ ।

ହଜରତ ଖାଲିଦ୍ ର ଅ ସେନା ସମ୍ମୁଖରେ ଛିଡ଼ା ହୋଇଥିଲେ ଯେ ସେହି ସମାନ ଅଶ୍ୱାରୋହୀ ଜଣକ ପୁନର୍ବାର ରୋମାନ ସେନାର ମଧ୍ୟ ଭାଗରୁ ବାହାରକୁ

ବାହାରିଲେ। ରୋମାନ ସେନାର କୌଣସି ବି ସିପାହି ତାଙ୍କ ସହିତ ମୁକାବିଲା କରିପାରୁ ନଥିଲା । ସେ ଏକାକୀ ଅନେକ ଲୋକଙ୍କ ସହିତ ଲଢି ଚାଲିଥିଲେ । ଠିକ ସେହି ସମୟରେ ହଜରତ ଖାଲିଦ୍ ର ଅ ଶତ୍ରୁମାନଙ୍କ ଉପରେ ଆକ୍ରମଣ କରି ସେହି ଲୋକଟିକୁ କୁଫାରମାନଙ୍କ ପରିଧି ମଧ୍ୟରୁ ବାହାର କରି ଆଣିଲେ । ସୁତରାଂ ସେହି ଲୋକଟି ଶତ୍ରୁମାନଙ୍କ ମଧ୍ୟରୁ ବାହାରି ଇସଲାମୀୟ ସେନା ନିକଟରେ ପହଂଚିଗଲା। ହଜରତ ଖାଲିଦ ର ଅ ତାଙ୍କୁ ପଚାରିଲେ :ତୁମେ ନିଜର କ୍ରୋଧକୁ ଅଲ୍ଲାଃତାଲାଙ୍କ ଶତ୍ରୁଙ୍କ ଉପରେ ପ୍ରକାଶ କରିଅଛ । ଏବେ ବତାଓ ତୁମେ କିଏ ? ସେହି ଅଶ୍ୱାରୋହୀ ଜଣକ କିଛି କହିଲା ନାହିଁ । ପୁଣି ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଗଲା । ପୁଣି ହଜରତ ଖାଲିଦ ର ଅ ତାଙ୍କୁ ପଚାରିଲେ : ହେ ଅଲ୍ଲାଃଙ୍କ ଭକ୍ତ ! ତୁମେ ମତେ ଏବଂ ଇସଲାମୀୟ ସେନାକୁ ବହୁତ ଅଡୁଆରେ ପକାଇ ଦେଇଛ । ତୁମେ ଏତେ ମାତ୍ରାର ବେ ପରୁଆ । ତୁମେ କିଏ ? ହଜରତ ଖାଲିଦଙ୍କ ଜିଦ ଯୋଗୁଁ ସେ ଉତର ଦେଲା ଯେ ମୁଁ ଅବାଧ୍ୟ ହେତୁ ଏପରି କିଛି କରିନାହିଁ । ଏକଥା ନୁହେଁ ଯେ ମୁଁ ଅବାଧ୍ୟ ହୋଇ ତୁମର କୌଣସି ପ୍ରଶ୍ନର ଉତର ଦେଉନାହିଁ,ବରଂ ମତେ ଲାଜ ଲାଗୁଛି । କାରଣ ମୁଁ ପୁରୁଷ ନୁହେଁ,ମୁଁ ହେଉଛି ଜଣେ ନାରୀ ।

ମହିଳାମାନେ ମଧ୍ୟ ଏପରି ସାହସ ପ୍ରଦର୍ଶନ କରୁଥିଲେ । ମତେ ମୋ ହୃଦୟର ଯନ୍ତ୍ରଣା ଏହି କ୍ଷେତ୍ରକୁ ଟାଣି ଆଣିଛି । ଖାଲିଦ ର ଅ ପୁଣି ପଚାରିଲେ ଯେ କେଉଁ ମହିଳା ? ସେହି ମହିଳ ଜଣକ କହିଲେ ଯେ : ମୁଁ ହେଉଛି ଜିରାରଙ୍କ ଭଉଣୀ ଖୌଲା ବିନତ ଅଜୱାର । ମୁଁ ଯେବେ ମୋ ଭାଇଙ୍କ ଗିରଫ ହେବା କଥା ଶୁଣିଲି,ମୁଁ ସେହି କାର୍ଯ୍ୟ କଲି,ଯାହା ଆପଣ ଦେଖିଲେ । ହଜରତ୍ ଖାଲିଦ ର ଅ ଏକଥା ଶୁଣି କହିଲେ ଯେ ଆମ ସମସ୍ତଙ୍କୁ ଏକାଠି ଏକତ୍ର ହୋଇ ଆକ୍ରମଣ କରିବା ଉଚିତ । ଆଶା କରୁଛୁ ଅଲ୍ଲାଃତାଲା ଜିରାରଙ୍କୁ କଏଦିରୁ ମୁକ୍ତ କରିଦେବେ । ହଜରତ ଖୌଲା ର ଅ କହିଲେ ଯେ ମୁଁ ମଧ୍ୟ ଏହି ଆକ୍ରମଣରେ ଭାଗ ନେବି। ତାପରେ ଖାଲିଦ ର ଅ ସମ୍ପୂର୍ଣ୍ଣ ଜୋରଦାର ଆକ୍ରମଣ କରିଦେଲେ । ହଜରତ ରାଫେ ର ଅ ସାହସିକତାର ଉଦାହରଣ ଦେଖାଇଲେ । ମୁସଲମାନମାନେ ପୁଣି ଥରେ ଜୋରଦାର ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହୋଇଗଲେ। ଏହି ସମୟରେ କୁଫାର (ଅବିଶ୍ୱାସକାରୀ) ମାନଙ୍କ ସେନା ମଧ୍ୟରୁ କେତେକ ଅଶ୍ୱାରୋହୀ ଶୀଘ୍ର ଶୀଘ୍ର ଶାନ୍ତି ଭିକ୍ଷା କରି ଏ ଆଡ଼କୁ ଧାଇଁ ଆସିଲେ । ହଜରତ୍ ଖାଲିଦ ର ଅ କହିଲେ : ସେମାନଙ୍କୁ ସୁରକ୍ଷା ଦେଇଦିଅ। ପୁଣି କହିଲେ : ସେମାନଙ୍କୁ ମୋ ନିକଟକୁ ନେଇଆସ । ପୁଣି ଖାଲିଦ୍ ର ଅ ସେମାନଙ୍କୁ ପଚାରିଲେ ଯେ ତୁମେମାନେ କିଏ ? ସେମାନେ କହିଲେ ଆମେ ହେଉଛୁ ରୋମାନ ସେନାର ଲୋକେ, ଏବଂ ହିମସର ବାସିନ୍ଦା । ଆମେ ଶାନ୍ତି ଚୁକ୍ତି ଚାହୁଁଛୁ । ହଜରତ ଖାଲିଦ ର ଅ କହିଲେ ଯେ ଶାନ୍ତି ଚୁକ୍ତି ହିମସଠାରେ ପହଂଚିବା ପରେ ହେବ । ଏଠାରେ ଆମେ ସମୟ ପୂର୍ବରୁ ସୁଲାହ (ଶାନ୍ତି ଚୁକ୍ତି) କରି ପାରିବୁ ନାହିଁ । କିନ୍ତୁ ଆମେ ତୁମକୁ ସୁରକ୍ଷା ଦେଉଅଛୁ ଓ ତୁମେମାନେ ଏବେ ନିରାପଦରେ ଅଛ । ଯେବେ ଅଲ୍ଲାଃ ତାଲା ନିଷ୍ପତି କରିବେ,ଏବଂ ଆମକୁ ବିଜୟ ମିଳିବ, ସେତେବେଳେ ସେଠାରେ କଥା ହେବା । ହଁ ଏବେ ତୁମେ ଆମକୁ ଏ ବିଷୟରେ ବତାଓ ଯେ ଆମର ଜଣେ ବୀର,ଯିଏ ତୁମ ସର୍ଦ୍ଦାରର ପୁଅକୁ ହତ୍ୟା କରିଥିଲେ,ତାଙ୍କ ବିଷୟରେ ତୁମେ କିଛି କହି ପାରିବ କି ? ସେମାନେ କହିଲେ : ବୋଧହୁଏ ଆପଣ ତାଙ୍କ କଥା ପଚାରୁଛନ୍ତି ଯିଏ ଫୁଙ୍ଗୁଳା ଶରୀରରେ ଥିଲେ, ସେ ଆମର ଅନେକ ଲୋକଙ୍କୁ ହତ୍ୟା କରିଥିଲେ ଏବଂ ଆମ ସର୍ଦ୍ଦାରର ପୁଅକୁ ମଧ୍ୟ ହତ୍ୟା କରିଥିଲେ । ଖାଲିଦ ର ଅ କହିଲେ : ହଁ ସେହି ବ୍ୟକ୍ତିଙ୍କ ବିଷୟରେ ମୁଁ ପଚାରୁଛି । ସେମାନେ କହିଲେ : ଯେବେ ସେ ବନ୍ଦୀ ହୋଇ ୱରଦାନ ନିକଟରେ ପହଂଚିଲେ, ୱରଦାନ ତାଙ୍କୁ ଶହେ ଜଣ ଅଶ୍ୱାରୋହୀଙ୍କ ସହିତ ହିମସ ପଠାଇଦେଲା । ଯଦ୍ଧାରା ସେ ସମ୍ରାଟଙ୍କ ନିକଟରେ ପହଂଚିଯିବେ ।

ଏକଥା ଶୁଣି ଖାଲିଦ ର ଅ ବହୁତ ଖୁସି ହେଲେ ଏବଂ ହଜରତ ରାଫେ ର ଅଙ୍କୁ ଡ଼କାଇ କହିଲେ ଯେ ତୁମେ ଭଲଭାବରେ ରାସ୍ତା ବିଷୟରେ ଜାଣିଛ । ନିଜ ଇଚ୍ଛା ମୁତାବକ ଜୱାନ (ସୈନିକ) ମାନଙ୍କୁ ସାଥିରେ ନେଇ ସେମାନଙ୍କ ହିମସ ପହଂଚିବା ପୂର୍ବରୁ ହଜରତ ଜିରାର ର ଅଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କର ଏବଂ ନିଜ ଅଲ୍ଲାଃଙ୍କଠାରୁ ଏହାର ପୁରସ୍କାର ପାଅ । ହଜରତ ରାଫେ ଏକଶହ ଯବାନଙ୍କୁ ଚୟନ କଲେ ଏବଂ ଏବେ ଯିବାକୁ ବାହାରି ଥିଲେ ଯେ ହଜରତ ଖୌଲାଃ ର ଅ ହଜରତ ଖାଲିଦଙ୍କ ନିକଟରେ ଅନୁରୋଧ କରିଲେ ଯେ ତାଙ୍କୁ ଯୁଦ୍ଧରେ ସାମିଲ ହେବା ପାଇଁ ଅନୁମତି ଦିଆଯାଉ । ସୁତରାଂ ହଜରତ ଖାଲିଦ ର ଅ ତାଙ୍କ ଅନୁମତି ପ୍ରଦାନ କଲେ ଏବଂ ସମସ୍ତେ ହଜରତ ରାଫେ ର ଅଙ୍କ ନେତୃତ୍ୱରେ ହଜରତ ଜିରାର ର ଅଙ୍କୁ ମୁକୁଳାଇବା ପାଇଁ ହିମସ ବାହାରିଗଲେ । ହଜରତ ରାଫେ ର ଅ ଶୀଘ୍ର ଶୀଘ୍ର ଚାଲିଗଲେ ଏବଂ ଗୋଟିଏ ସ୍ଥାନରେ ପହଂଚି ସେ ନିଜ ସାଥିମାନଙ୍କୁ କହିଲେ ଯେ ଏବେ ଖୁସି ହୋଇଯାଅ । ଶତ୍ରୁ ଏବେ ଆଗକୁ ଯାଇନାହିଁ । ସୁତରାଂ ସେ ସେଠାରେ ନିଜର ଗୋଟିଏ ଟ୍ରୁପକୁ ଲୁଚାଇ ରଖିଲେ । ଏମାନେ ଏହିପରି ଅବସ୍ଥାରେ ଥିଲେ ଯେ ଦୂରରୁ ଧୂଳି ଉଡ଼ିବା ଦେଖାଦେଲା । ହଜରତ ରାଫେ ର ଅ ମୁସଲମାନମାନଙ୍କୁ ସତର୍କ ରହିବା ପାଇଁ ଆଦେଶ ଦେଲେ । ମୁସଲମାନମାନେ ପ୍ରସ୍ତୁତ ହୋଇ ବସିଥିଲେ ଯେ ରୋମାନମାନେ ସେଠାରେ ପହଂଚି ଗଲେ । ହଜରତ ଜିରାର ର ଅ ସେମାନଙ୍କ ଅଧିନରେ କଏଦୀ ହୋଇ ରହିଥିଲେ । ସେ ବହୁତ ଯନ୍ତ୍ରଣାଦାୟକ କଣ୍ଠରେ ଏ କବିତା ପାଠ କରୁଥିଲେ । "ହେ ମୁଖବିର (ଅର୍ଥାତ ହେ ସୂଚନାଦାତା) ! ମୋ କୌମ ଏବଂ ଖୌଲାଙ୍କୁ ଏହି ସୂଚନା ଦେଇଦିଅ ଯେ ମୁଁ ଏବେ ବନ୍ଦୀ ହୋଇ ଶିକୁଳିରେ ବନ୍ଧା ହୋଇ ରହିଛି । ସିରିଆର କାଫିର ଏବଂ ବିଧର୍ମିମାନେ ମୋ ଚାରିପାଖରେ ଏକାଠି ହୋଇଛନ୍ତି ଏବଂ ସମ୍ପୂର୍ଣ୍ଣ ଭାବରେ ଯୁଦ୍ଧାସ୍ତ୍ର ପରିଧାନ କରି ରହିଛନ୍ତି । ହେ ମୋର ମନ ! ତୁ ଦୁଃଖ ଏବଂ ପରିତାପରେ ଶେଷ ହୋଇଯାଅ । ହେ ଯୌବନର ଲୁହ ! ମୋ ଗାଲରେ ବହିଯାଅ।'' ହଜରତ ଜିରାର ଯେଉଁ କବିତା ଆରବିରେ ପାଠ କରୁଥିଲେ,ତାହାର ଅର୍ଥ ହେଉଛି ଏହା । ପୁଣି ହଜରତ ଖୌଲାଃ ବଡ଼ ପାଟିରେ ଡ଼ାକ ଛାଡ଼ି କହିଲେ ଯେ : ତୁମର ଦୁଆ (ପ୍ରାର୍ଥନା) ଗ୍ରହଣ ହୋଇଗଲା । ଅଲ୍ଲାଃଙ୍କ ସାହାଯ୍ୟ ଆସିଗଲା । ମୁଁ ହେଉଛି ତୁମ ଭଉଣି ଖୌଲା । ଏହା କହି ସେ ବହୁତ ବଡ଼ ପାଟିରେ ତକବୀର କହି ଆକ୍ରମଣ କରିଦେଲେ ଏବଂ ଅନ୍ୟ ମୁସଲମାନମାନେ ମଧ୍ୟ ତକବୀର କହି ଆକ୍ରମଣ କରିଦେଲେ।

ମୁସଲମାନମାନେ ଶତ୍ରୁମାନଙ୍କର ଏହି ଟ୍ରୁପକୁ ଆୟତ କରି ସମସ୍ତଙ୍କୁ ହତ୍ୟା କରିଦେଲେ । ହଜରତ ଜିରାର ର ଅଙ୍କୁ ଖୁଦାତାଲା ମୁକ୍ତ କରିଦେଲେ ଏବଂ ମାଲେ ଗନିମତ (ଅର୍ଥାତ ଯୁଦ୍ଧର ଜିଣା ଯାଇଥିବା ସାମଗ୍ରୀ) ମୁସଲମାନମାନଙ୍କୁ ମିଳିଗଲା । ହଜରତ ଖୌଲାଃ ର ଅ ନିଜ ହାତରେ ନିଜ ଭାଇ ହାତରେ ବନ୍ଧା ହୋଇଥିବା ଦଉଡ଼ିକୁ ଖୋଲିଲେ ଏବଂ ଭାଇଙ୍କୁ ସଲାମ କଲେ । ହଜରତ ଜିରାର ର ଅ ନିଜ ଭଉଣୀଙ୍କୁ ସାବାସି ଦେଲେ ଏବଂ ଅଭନନ୍ଦନ ଜଣାଇ ସ୍ୱାଗତ କଲେ । ସେ ଗୋଟିଏ ଲମ୍ବା ବର୍ଚ୍ଛା ନିଜ ହାତରେ ଧରିଲେ ଏବଂ ଗୋଟିଏ ଘୋଡ଼ା ପିଠିରେ ଆରୋହଣ କଲେ । ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କଲେ । ଏଠାରେ ଏମିତି ଖୁସିର ପରିବେଶ ଥିଲା ଏବଂ ସେଠାରେ ଦମସ୍କରେ ହଜରତ ଖାଲିଦ ର ଅ ଭିଷଣ ଆକ୍ରମଣ କରି ୱରଦାନକୁ ପରାସ୍ତ କଲେ । ସେମାନେ ପଳାୟନ କଲେ ଏବଂ ମୁସଲମାନମାନେ ସେମାନଙ୍କୁ ଗୋଡ଼ାଇଲେ। ସେଠାରେ ହଜରତ ଜିରାର ର ଅ ଏବଂ ଅନ୍ୟ ମୁସଲମାନମାନଙ୍କ ସହିତ ସେମାନଙ୍କର ଭେଟ ହୋଇଗଲା । ବିଜୟର ସୁସମାଚାର ହଜରତ ଅବୁ ଉବୈଦାଃ ର ଅଙ୍କ ନିକଟକୁ ପଠାଇଦିଆଗଲା । ମୁସଲମାନମାନେ ଏ ବିଶ୍ୱାସ କରିନେଲେ ଓ ନିଶ୍ଚିତ ହୋଇଗଲେ ଯେ ଏବେ ଦମସ୍କ ଉପରେ ବିଜୟ ମିଳିବାକୁ ଯାଉଛି । ***(ଫୁତୁହାତେ ଶାମ ଅଜ ଫଜଲ ମୁହମ୍ମଦ ଯୁସୁଫ୍ ଜଇ ,ପୃ-୭୫-୮୧,ମକତବାଃ ଇମାନ ୱ ୟକିନ)***

ଅପର ପକ୍ଷେ,ଇସଲାମୀ ସେନା ଦମସ୍କଠାର ରହିଥିଲେ । କିଲ୍ଲାକୁ ଅବରୋଧ କରି ରଖିଥିଲେ ଯେ ବୁସରାରୁ ହଜରତ୍ ଅବାଦ ବିନ ସଇଦ୍ ର ଅ ହଜରତ୍ ଖାଲିଦ୍ ର ଅ ଙ୍କ ନିକଟକୁ ଆସିଲେ । ଆସି ସୂଚନା ଦେଲେ ଯେ ୯୦ ହଜାର ରୋମାନ ସେନା ବିଶିଷ୍ଟ ଗୋଟିଏ ସୈନ୍ୟବାହିନୀ ଅଜନାଦୀନଠାରେ ଏକତ୍ରିତ ହୋଇଛି । ହଜରତ ଖାଲିଦ ର ଅ ହଜରତ ଅବୁ ଉବୈଦାଃ ର ଅ ଙ୍କ ସହିତ ପରାମର୍ଶ କରିବାରୁ ସେ କହିଲେ ଯେ ଆମ ସେନା ସିରିଆ ଦେଶରେ ବିଭିନ୍ନ ସ୍ଥାନରେ ଛିନ୍ନ ଭିନ୍ନ ହୋଇ ରହିଛନ୍ତି । ତେଣୁ ସେମାନଙ୍କୁ ଚିଠି ଲେଖି ଜଣାଇ ଦିଅ ଯେ ସେମାନେ ଆସି ଆମକୁ ଅଜନାଦୀନଠାରେ ଭେଟ କରନ୍ତୁ । ଆମେ ମଧ୍ୟ ଏବେ ଦମସ୍କ କିଲ୍ଲାର ଘେରାଉଟ (ଅବରୋଧ) କୁ ଛାଡ଼ି ଅଜନାଦୀନ ଅଭିମୁଖେ ଯାତ୍ରା କରିବୁ। ***(ମରଦାନେ ଅରବ ଭା-୦୧,ଅଜ ଅବ୍ଦୁଲ ସତତାର ହମଦାନୀ ,ପୃ-୨୧୪,ଅକବର ବୁକ ସେଲ୍ସ ଲାହୋର)***

ସମ୍ରାଟ ହିରକଲକୁ ୱରଦାନର ପରାସ୍ତ ହେବା ଖବର ପହଂଚିସାରିଥିଲା ତା ସହିତ ତା ପୁତ୍ରକୁ ହତ୍ୟା କରାଯାଇଥିବା ବିଷୟରେ ସବିଶେଷ ବିରରଣୀ ମିଳି ସାରିଥିଲା । ତେଣୁ ହିରକଲ ତାକୁ ଖୁବ ଭର୍ତ୍ସନା କରି ଲେଖିଲା ଯେ ମୋତେ ଏ ଖବର ମିଳିଛି ଯେ ଲଙ୍ଗଲା ଏବଂ ଭୋକିଲା ଆରବୀୟମାନେ ତୁମକୁ ପରାସ୍ତ କରିଦେଇଛନ୍ତି। ଏବଂ ତୁମ ପୁଅକୁ ମଧ୍ୟ ହତ୍ୟା କରିଦେଇଛନ୍ତି। ନା ମସିହ (ଅର୍ଥାତ ଯୀଶୁ ମସିହ) ତା ଉପରେ ଦୟା କଲେ ନା ତୁମ ଉପରେ ଦୟା କେଲ । ଯଦି ତୁମର ସାହସିକତା ଏବଂ ତରବାରୀ ଚାଳନା ବିଷୟରେ ଚର୍ଚ୍ଚା ହୋଇନଥାନ୍ତା, ତାହେଲେ ମୁଁ ତୁମକୁ ହତ୍ୟା କରିଦେଇଥାନ୍ତି । ଠିକ ଅଛି ଯାହା କିଛି ହେବାର ଥିଲା ତାହା ତ ହୋଇସାରିଛି । ଏବେ ମୁଁ ଅଜନାଦୀନ ଆଡ଼କୁ ନବେହଜାର(୯୦୦୦୦)ସେନା ପ୍ରେରଣ କରୁଛି ଏବଂ ମୁଁ ତୁମକୁ ସେ ସମସ୍ତଙ୍କର ସର୍ଦ୍ଦାର ଭାବରେ ନିଯୁକ୍ତ କରୁଅଛି । ***(ଫୁତୁହାତେ ଶାମ ଅଜ ଫଜଲ ମୁହମ୍ମଦ ଯୁସୁଫ୍ ଜଇ,ପୃ-୮୧, ମକତବାଃ ଇମାନ ୱ ୟକିନ)***

ହଜରତ ଖଲିଦ ର ଅ ଦମସ୍କ ଘେରାଉଟ (ଅବରୋଧ) କୁ ଶେଷ କରି ଅଜନାଦୀନ ଆଡ଼କୁ ସେନା ପ୍ରେରଣ କରିବା ପାଇଁ ଆଦେଶ ଦେଲେ । ନିର୍ଦ୍ଦେଶ ମିଳିବା ମାତ୍ରେ ମୁସଲମାନମାନେ ସେନା ଶିବିର (ଛାଉଣୀ)କୁ ଖାଲି କରି ବାକି ସମସ୍ତ ସାମଗ୍ରୀଗୁଡ଼ିକୁ ଓଟ ଉପରେ ଲଦିବା ଆରମ୍ଭ କରିଦେଲେ । ମାଲେ ଗନିମତରେ ପରିପୂର୍ଣ୍ଣ ଓଟଗୁଡ଼ିକୁ ଏବଂ ବାକି ସମସ୍ତ ସାମଗ୍ରୀଗୁଡ଼ିକ ଲଦା ଯାଇଥିବା ଓଟଗୁଡ଼ିକୁ ମହିଳା ଏବଂ ଶିଶୁମାନଙ୍କ ସହିତ ସେନା ପଛରେ ରଖିଲେ । ଅବଶିଷ୍ଟ ଅଶ୍ୱାରୋହୀମାନଙ୍କୁ ସେନାର ସମ୍ମୁଖ ଭାଗରେ ରଖିଲେ । ହଜରତ ଖାଲିଦ ବିନ ୱଲିଦ ର ଅ କହିଲେ ଯେ ମୋ ରାୟ ହେଉଛି ଏହା କି ମୁଁ ମହିଳା ଏବଂ ପିଲାମାନଙ୍କୁ କାଫିଲାର ପଛ ଭାଗରେ ରହିବି । ହଜରତ ଅବୁ ଉବୈଦାଃ ର ଅ ଙ୍କୁ ସେ ଅନୁରୋଧ କଲେ ଯେ ଆପଣ ସେନାର ସମ୍ମୁଖ ଭାଗରେ ରହନ୍ତୁ । ହଜରତ ଅବୁ ଉବୈଦାଃ ର ଅ କହିଲେ ଯେ ସମ୍ଭବତଃ ୱରଦାନ ନିଜର ସେନାକୁ

ଧରି ଅଜନାଦୀନରୁ ଦମସ୍କ ଆଡ଼କୁ ବାହାରି ପଡ଼ିଥିବ ଓ ତା ସହିତ ଆମର ମୁହାଁ ମୁହିଁ ହୋଇଯିବ । ଯଦି ତୁମେ ସେନାର ଅଗ୍ରଭାଗରେ ରହିବ ତାହେଲେ ତୁମେ ସେମାନଙ୍କୁ ରୋକି ପାରିବ ଏବଂ ସେମାନଙ୍କ ସହିତ ଲଢି ପାରିବ । ତେଣୁ ତୁମେ ଆଗରେ ରୁହ ଓ ମୁଁ ପଛରେ ରହୁଛି । ଏଥିରେ ହଜରତ ଖାଲିଦ ବିନ ୱ୍ଲିଦ ର ଅ ହଜରତ ଅବୁ ଉବୈଦାଃ ର ଅ ଙ୍କୁ କହିଲେ ଆପଣଙ୍କ ମତ ଠିକ । ମୁଁ ଆପଣଙ୍କର ରାୟ ଏବଂ ମତାମତ ବିରୁଦ୍ଧରେ ଯିବି ନାହିଁ । ଯେବେ ଇସଲାମୀୟ ସେନା ଦମସ୍କ ଘେରାଉଟକୁ ଛାଡ଼ି ଚାଲିଗଲେ, ସେନାଙ୍କୁ ପ୍ରସ୍ଥାନ କରିବାର ଦେଖି ଦମସ୍କର ବାସିନ୍ଦା ମାନେ ଖୁସିରେ ନାଚିବାକୁ ଲାଗିଲେ ଏବଂ ତାଳିମାରି ନିଜର ଖୁସି ବ୍ୟକ୍ତ କରିବାକୁ ଲାଗିଲେ । ଇସଲାମୀୟ ସେନା ଦମସ୍କରୁ ବାହାରି ଚାଲିଯିବା ବିଷୟରେ ଦମସ୍କର ବାସିନ୍ଦା ଭିନ୍ନ ଭିନ୍ନ ମତ ପ୍ରକାଶ କଲେ । କିଏ କହିଲା ଯେ ଅଜନାଦୀନରେ ଆମର ମହାନ ସେନା ଏକତ୍ରିତ ହୋଇସାରୋଛି ତେଢଣୁ ଏ ଖବର ଶୁଣି ମୁସଲଲମାନମାନେ ସିରିଆ ଦେଶରେ ଥିବା ନିଜର ଅନ୍ୟ ସୈନ୍ୟବାହିନୀ ସହିତ ଯାଇ ମିଶି ଏକାଠି ହେବା ପାଇଁ ଚାଲିଗଲେ । ଆଉ କିଏ କହିଲେ ଯେ ଦୁର୍ଗ ଅବରୋଧରୁ ଥକି ଯାଇ ସେମାନେ ଅନ୍ୟ କୌଣସି ସ୍ଥାନକୁ ନିଜର ସେନାକୁ ନେଇ ଚାଲିଗଲେ, ଏବଂ ଆଉ କେତେକ ଲୋକେ ଏକଥା ବି କହିଦେଲେ ଯେ ହଜାଜ ଇଲାକା ଆଡ଼କୁ ଏମାନେ ପଳାୟନ କରୁଛନ୍ତି । ଅର୍ଥାତ ଏଠାରୁ ଫେରି ଚାଲିଯାଉଛନ୍ତି ।

***(ମରଦାନେ ଅରବ ଭା-୦୧,ଅଜ ଅବ୍ଦୁଲ ସତତାର ହମଦାନୀ ,ପୃ-୨୧୬-୨୧୭,ଅକବର ବୁକ ସେଲ୍ସ ଲାହୋର)***

ଦମସ୍କର ଯେତେକ ବାସିନ୍ଦା ଥିଲେ,ସେମାନେ ସମସ୍ତେ ଜଣେ ବ୍ୟକ୍ତିଙ୍କ ନିକଟରେ ଯାଇ ଏକାଠି ହୋଇଗଲେ । ସେହି ବ୍ୟକ୍ତିର ନାମ ଥିଲା ବୁଲସ । ସେ ଆ ପୂର୍ବରୁ କୌଣସି ବି ଯୁଦ୍ଧରେ ସାହାବାମାନଙ୍କ ସମ୍ମୁଖକୁ ଆସିନଥିଲା । ସେହି ବ୍ୟକ୍ତି ଜଣକ ହିରକଲ ସମ୍ରାଟର ଅତ୍ୟନ୍ତ ଭରସାଯୋଗ୍ୟ ଏବଂ ଉଚ୍ଚ ଶ୍ରେଣୀର କୁଶଳୀ ଧନୁର୍ଦ୍ଧାରୀ ଥିଲା । ଦମସ୍କର ଅଧିବାସୀ ତାକୁ ନିଜର ଅମୀର ଭାବରେ ନିଯୁକ୍ତି କରିଦେଲେ,ଏବଂ ପ୍ରତ୍ୟେକ ପ୍ରକାରର ପ୍ରଲୋଭନ ଦେଖାଇ ଯୁଦ୍ଧ କରିବା ପାଇଁ ପ୍ରବର୍ତାଇଲେ । ତା ସହିତ ସେମାନେ ଏ ସୌଗନ୍ଧ ଖାଇଲେ ଯେ ସେମାନେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାୟନ କରିବେ ନାହିଁ, ଯଦି କିଏ ଯୁଦ୍ଧକ୍ଷେତ୍ର ଛାଡ଼ି ଚାଲିଯିବ,ତାହେଲେ ଆପଣଙ୍କୁ ଏ ଅଧିକାର ଦିଆ ଯାଉଛି ଯେ ଆପଣ ତାକୁ ନିଜ ହାତରେ ହତ୍ୟା କରିପାରିବେ । ଯେତେବେଳେ ଏହି ଚୁକ୍ତି ଶେଷ ହୋଇଗଲା ଏବଂ ବୁଲସ ତା ଘରେ ପ୍ରବେଶ କରି ଜରରାଃ (ଅର୍ଥାତ ଯୁଦ୍ଧ ସାଞ୍ଜୁ / କବଚ ଯାହାକୁ ଯୁଦ୍ଧ କରିବା ସମୟରେ ନିଜକୁ ରକ୍ଷା କରିବା ପାଇଁ ପିନ୍ଧା ଯାଇଥାଏ ତାହାକୁ ସେ) ପିନ୍ଧିବାକୁ ଲାଗିଲା,ସେତେବେଳେ ତା ସ୍ତ୍ରୀ ତାକୁ ପଚାରିଲା ଯେ ତୁମେ କୁଆଡ଼େ ଯାଉଛ ? ବୁଲସ କହିଲା ଯେ ଦମସ୍କର ଲୋକମାନେ ମତେ ନିଜର ଅମୀର କରିଛନ୍ତି । ଏବେ ମୁଁ ଆରବମାନଙ୍କ ସହିତ ଯୁଦ୍ଧ କରିବାକୁ ଯାଉଛି।

ତା ସ୍ତ୍ରୀ ତାକୁ ଏପରି ନକରିବାକୁ କହିଲା। ବରଂ କହିଲେ ଯେ ତୁମେ ଘରେ ବସି ରୁହ। ପୁଣି କହିଲେ ଯେ ତୁମଠାରେ ଆରବମାନଙ୍କ ସହିତ ଲଢିବା ପାଇଁ ଶକ୍ତି ନାହିଁ । ସେମାନଙ୍କ ସହିତ ଆଦୌଁ ଯୁଦ୍ଧ କରନାହିଁ । ମୁଁ ଆଜି ସ୍ୱପ୍ନ ଦେଖିଛି ଯେ ତୁମ ହାତରେ କମାଣ (ଧନୁ) ରହିଛି ଓ ତୁମେ ଆକାଶରେ ଚଢେଇ ଶିକାର କରୁଅଛ । କିଛି ଚଢେଇ ଆହାତ ହୋଇ ତଳେ ପଡ଼ି ଯାଉଛନ୍ତି କିନ୍ତୁ କିଛି ସମୟ ପରେ ସେମାନେ ଉଠି ଉଡ଼ିଯାଉଛନ୍ତି । ମୁଁ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଉଛି ଯେ ଅଚାନକ ଉପରୁ କେତେକ ବାଜପକ୍ଷୀ ଚାଲି ଆସୁଛନ୍ତି । ଗୋଟିଏ ଦୁଇଟି ନୁହେଁ ବରଂ ଅନେକ ବାଜପକ୍ଷୀ ଆସିଯାଉଛନ୍ତି । ସେମାନେ ତୁମ ଏବଂ ତୁମ ସାଥିମାନଙ୍କ ଉପରେ ଏପରି ଆକ୍ରମଣ କରିଦେଉଛନ୍ତି ଯେ ତୁମ ସମସ୍ତଙ୍କୁ ଧ୍ୱଂସ କରିଦେଉଛନ୍ତି । ବୁଲସ୍ ଏହା ଶୁଣି କହିଲା ଯେ କ'ଣ ତୁମେ ମତେ ତୁମ ସ୍ୱପ୍ନରେ ଦେଖିଛ କି ? ସେ କହିଲେ ହଁ । ସେହି ବାଜ ପକ୍ଷୀ ତୁମକୁ ବହୁତ କଠୋର ଆଘାତ ପହଂଚାଇବାର ଦେଖିଛି,ଏବଂ ତୁମେ ତା ଆଘାତରେ ବେହୋଶ ହୋଇଯାଇଥିଲ । ବୁଲସ୍ ତାହାର ଏହି କଥା ଶୁଣି ତା ପତ୍ନୀକୁ ଗୋଟିଏ ଚାପୁଡ଼ା ମାରିଲା, ଏବଂ କହିଲା ଯେ ତୁମ ମନରେ ଆରବମାନଙ୍କ ଭୟ ସଂଚାର କରିଯାଇଛି । ସ୍ୱପ୍ନରେ ମଧ୍ୟ ତୁମକୁ ସେମାନଙ୍କ ଭୟ ଘାରୁଛି। ତୁମେ ଛାନିଆ ହୁଅନାହିଁ ! ମୁଁ ଏବେ ସେମାନଙ୍କ ଅମୀରଙ୍କୁ ତୁମର ସେବକ ଭାବରେ ଏବଂ ତା ସାଥିମାନଙ୍କୁ ଛେଳି ଏବଂ ଘୁଷୁରିମାନଙ୍କ ଜଗୁଆଳ କରି ଧରି ଆଣିବି । ବୁଲସ ବହୁତ ତିବ୍ରତାର ସହିତ ଛଅ ହଜାର ଅଶ୍ୱାରୋହୀ ଏବଂ ଦଶ ହଜାର ପଦାତିକ ବାହିନୀକୁ ସାଥିରେ ଧରି ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ବାହାରି ପଡ଼ିଲା। ସେ ଏହିପରି ଭାବରେ ଇସଲାମୀୟ ସେନାରେ ଥିବା ମହିଳା, ପିଲା, ଗୃହପାଳିତ ପଶୁ ଏବଂ ଅବୁ ଉବୈଦାଃ ର ଅଙ୍କ ସହିତ ଯାତ୍ରା କରୁଥିବା ଏକ ହଜାର ସେନାଙ୍କ ପଛରେ ଅନୁଧାବନ କଲା । ମୁସଲମାନ ମଧ୍ୟ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ଦେଖୁ ଦେଖୁଁ କୁଫାର ସେଠାରେ ପହଂଚିଗଲେ । ବୁଲସ ସବୁଠାରୁ ଆଗରେ ଥିଲା । ସେ ଏକା ଥରକେ ଛଅ ହଜାର ସେନା ସହିତ ଆବୁ ଉବୈଦାଃ ର ଅଙ୍କ ଉପରେ ଆକ୍ରମଣ କରିଦେଲା । ବୁଲସର ଭାଇ ବୁତରୁସ ପଦାତିକ ବାହିନୀ ସହିତ ମହିଳାମାନଙ୍କ ଆଡ଼କୁ ଗଲା ଏବଂ କିଛି ମହିଳାଙ୍କୁ ଗିରଫ କରି ଦମସ୍କ ଆଡ଼କୁ ଫେରିଲା । ସେ ଗୋଟିଏ ସ୍ଥାନରେ ପହଂଚି ନିଜ ଭାଇକୁ ଅପେକ୍ଷା କରି ବସି ରହିଲା । ହଜରତ ଅବୁ ଉବୈଦାଃ ର ଅ ଏହିପରି ଅକସ୍ମାତ ବିପଦକୁ ଦେଖି କହିଲେ ଯେ ଖାଲିଦଙ୍କ ରାୟ ଠିକ ଥିଲା । ଅର୍ଥାତ ସେ ସେନାର ପଛ ଭାଗରେ ରହିବାକୁ ଯେଉଁ ରାୟ ଦେଇଥିଲେ,ତାହା ଠିକ ଥିଲା । ଏପରେ ମହିଳା ଏବଂ ପିଲାମାନେ ଚିକ୍ରାର କରୁଥିଲେ। ସେପଟେ ଏକ ହଜାର ବିଶିଷ୍ଟ ମୁସଲମାନ ସେନା ସାହସିକତା ପ୍ରଦର୍ଶନ କରି ଲଢିଚାଲିଥିଲେ । ବୁଲସ ହଜରତ ଅବୁ ଉବୈଦାଃ ର ଅଙ୍କ ଉପରକୁ ବାରମ୍ବାର ବାରମ୍ବାର ଆକ୍ରମଣ କରିଚାଲିଥାଏ । ହଜରତ ଅବୁ ଉବୈଦାଃ ର ଅ ମଧ୍ୟ ଜୋରଦାର ଯୁଦ୍ଧ କରୁଥିଲେ । ହଜରତ ସହଲ ଦ୍ରୁତ ବେଗରେ ଧାଉଁଥିବା ଘୋଡ଼ା ପିଠିରେ ଚଢି ହଜରତ ଖାଲିଦ ର ଅଙ୍କ ନିକଟରେ ପହଂଚିଲେ ଏବଂ ସମସ୍ତ ଘଟଣାବଳୀ ଶୁଣାଇଲେ । ହଜରତ ଖାଲିଦ ର ଅ ଇନ୍ନା ଲିଲ୍ଲାଃ ପଢିଲେ । ହଜରତ ଖାଲିଦ ର ଅ ହଜରତ ରାଫେ ର ଅ ଏବଂ ହଜରତ ଅବ୍ଦୁର ରହମାନ ବିନ ଔଫ୍ ର ଅ ଙ୍କୁ ଏକ ହଜାର ଲେଖା ସୈନ୍ୟ ଦେଇ ପଠାଇଲେ। ଯଦ୍ଦ୍ୱାରା ପିଲାମାନଙ୍କୁ ଏବଂ ମହିଳାମାନଙ୍କୁ ସୁରକ୍ଷା କରାଯାଇପାରିବ । ତାପରେ ହଜରତ ଜିରାର ର ଅ ଙ୍କୁ ଏକ ହଜାର ସେନା ଦେଇ ବିଦା କଲେ ଏବଂ ନିଜେ ମଧ୍ୟ ସେନାକୁ ସାଥିରେ ଧରି ଶତୃଙ୍କ ଆଡ଼କୁ ବାହାରିଲେ । ସେପଟେ ହଜରତ ଅବୁ ଉବୈଦାଃ ର ଅ ବୁଲସ ସହିତ ଯୁଦ୍ଧରେ ଲିପ୍ତ ରହିଥିଲେ । ଠିକ ଏହି ସମୟରେ ବିଭିନ୍ନ ଅଂଚଳରେ ଥିବା ମୁସଲମାନ ସେନା ଆସି ସେଠାରେ ପହଂଚିଗଲେ ଓ ସେମାନେ ଏପରି ଆକ୍ରମଣ କଲେ ଯେ ଦମସ୍କରୁ ଆସି ଆକ୍ରମଣ କରୁଥିବା ରୋମାନ ସେନା ନିଜର ପରାଜୟ ତଥା ଅପମାନିତ ହେବା ନିଶ୍ଚିତ ବୋଲି ଜାଣିଗଲେ। ହଜରତ ଜିରାର ର ଅ ନିଆଁ ଝୁଲ ପରି ବୁଲସ ଉପରକୁ ଆକ୍ରମଣ କରିଦେଲେ । ସେ ଯେତେବେଳେ ହଜରତ ଜିରାର ର ଅଙ୍କୁ ଦେଖିଲା, ଥରହର ହୋଇ କମ୍ପିବାକୁ ଲାଗିଲା ଏବଂ ସେ ଚିହ୍ନିଗଲା । ସୁତରାଂ ବୁଲସ ଘୋଡ଼ା ପିଠିରୁ ଓହ୍ଲାଇ ପାଦରେ ଦଉଡ଼ିବାକୁ ଲାଗିଲା । ହଜରତ ଜିରାର ର ଅ ମଧ୍ୟ ତା ପଛରେ ଗୋଡ଼ାଇଲେ ଓ ତାକୁ ଜୀବିତ ଧରି ପକାଇଲେ। ପୁଣି ତାକୁ ବନ୍ଦୀ କରିଦେଲେ । ସେହି ଯୁଦ୍ଧରେ କୁଫାରମାନଙ୍କର ଛଅ ହଜାର ସୈନ୍ୟ ମଧ୍ୟରୁ ବଡ଼ କଷ୍ଟରେ ଶେହ ଜଣ ବଂଚିଥିବେ । ହଜରତ ଜିରାର ର ଅ ବହୁତ ଚିନ୍ତିତ ଥିଲେ । କାରଣ ହଜରତ ଖୌଲା ର ଅ ମଧ୍ୟ ବନ୍ଦୀ ହୋଇସାରିଥିଲେ । ହଜରତ ଖାଲିଦ ର ଅ କହିଲେ ଆପଣ ଚିନ୍ତା କରନ୍ତୁ ନାହିଁ । ଆମେ ସେମାନଙ୍କର ଜଣେ ଏପରି ଲୋକକୁ ଧରି ନେଇଛୁ ଯାହାର ପ୍ରତିବଦଳରେ ସେମାନେ ଆମ କଏଦିମାନଙ୍କୁ ସହଜରେ ମୁକ୍ତ କରିଦେବେ । ହଜରତ ଖାଲିଦ ର ଅ ଦୁଇ ହଜାର ସିପାହୀଙ୍କୁ ନିଜ ସାଥିରେ ନେଲେ ଏବଂ ଅବଶିଷ୍ଟ ସେନାକୁ ହଜରତ ଅବୁ ଉବୈଦାଃ ର ଅଙ୍କୁ ହସ୍ତାନ୍ତର କରିଦେଲେ ଯଦ୍ଦ୍ୱାରା ମହିଳା ଏବଂ ପିଲାମାନଙ୍କର ସୁରକ୍ଷା କରାଯାଇପାରିବ । ନିଜେ କଏଦି ହୋଇଥିବା ମୁସଲମାନ ମହିଳାମାନଙ୍କୁ ଖୋଜିବା ପାଇଁ ବାହାରି ପଡ଼ିଲେ । ସେ ଶୀଘ୍ର ଶୀଘ୍ର ଚାଲି ସେହି ସ୍ଥାନରେ ପହଂଚିଗଲେ,ଯେଉଁଠି ଶତୃ ମୁସଲମାନ ମହିଳାମାାନଙ୍କୁ ବନ୍ଦୀ କରି ରଖିଥିଲେ । ସେ ଦେଖିଲେ ଧୂଳି ଉଡୁଛି । ତେଣୁ ସେ ଆଶ୍ଚର୍ଯ୍ୟ ହେଲେ ଯେ ଏଠାରେ କାହିଁକି ଲଢେଇ ହେଉଛି ? ସେ ଜାଣିବାକୁ ପାଇଲେ ଯେ ବୁଲସର ଭାଇ ବୁତରୁସ୍ ମହିଳାମାନଙ୍କୁ ଗିରଫ କରି ନଦୀ କୂଳରେ ଭାଇର ଅପେକ୍ଷାରେ ଅଟକି ଯାଇଥିଲା । ଏବେ ସେ ମହିଳାମାନଙ୍କୁ ପରସ୍ପର ମଧ୍ୟରେ,ନିଜ ନିଜ ମଧ୍ୟରେ ଭାଗକରୁଛନ୍ତି । ବୁତରୁସ ହଜରତ ଖୌଲାଃ ର ଅଙ୍କ ସମ୍ବନ୍ଧରେ କହିଲା ଯେ ଇଏ ମୋର । ସେ ମହିଳାମାନଙ୍କୁ ଗୋଟିଏ ତମ୍ବୁ ମଧ୍ୟରେ କଏଦୀ(ବନ୍ଦୀ)କରି ରଖିନେଲା,ତାପରେ ନିଜେ ଆରାମ କରିବାକୁ ଲାଗିଲା । ପୁଣି ସେ ବୁଲସର ଅପେକ୍ଷାରେ ବି ଥିଲା । ସେହି ମହିଳାମାନଙ୍କ ମଧ୍ୟରେ ଅଧିକାଂଶ ସାହସୀ ଏବଂ ଅଭିଜ୍ଞ ଅଶ୍ୱାରୋହୀ ମଧ୍ୟ ଥିଲେ । ସେମାନେ ପ୍ରତ୍ୟେକ ପ୍ରକାରର ଯୁଦ୍ଧ ବିଦ୍ୟା ଜାଣିଥିଲେ । ସେହି ମହିଳାମାନେ ଏକତ୍ରିତ ହେଲେ ଏବଂ ହଜରତ ଖୌଲାଃ ର ଅ ସେମାନଙ୍କୁ ସମ୍ବୋଧନ କରି କହିଲେ ଯେ ହେ ହମୀର କବିଲାର ଝିଅମାନେ ! ହେ ତୁବବଅ ଜନଜାତିର ସ୍ମୃତି ! କ'ଣ ତୁମେମାନେ ଏକଥାରେ ରାଜି ଅଛ ଯେ ରୋମାନ କୁଫାର (ଅର୍ଥାତ ରୋମର ଅବିଶ୍ୱାସକାରୀ) ମାନେ ତୁମମାନଙ୍କୁ ନିଜର ଦାସି କରିନିଅନ୍ତୁ ? କୁଆଡ଼େ ଗଲା ତୁମର ବାହାଦୁରୀ, କୁଆଡେ ଯାଇଛି ତୁମର ଆତ୍ମସମ୍ମାନ,ଯାହା ବିଷୟରେ ଆରବୀୟଙ୍କ ମଜଲିସରେ ଚର୍ଚ୍ଚା କରାଯାଇଥାଏ ? ବଡ଼ ପରିତାପର ବିଷୟ ! ମୁଁ ତୁମମାନଙ୍କ ମଧ୍ୟରେ ସେହି ଆତ୍ମ ସମ୍ମାନ,ସାହସ ତଥା ଉତ୍ସାହ ଆଉ ଦେଖିବାକୁ ପାଉନାହିଁ । ଆସୁଥିବା ବିପତିଠାରୁ ତ ତୁମମାନଙ୍କର ମରିଯିବା ହିଁ ଶ୍ରେୟସ୍କର ।

ଏକଥାକୁ ଶୁଣି ଜଣେ ସାହାବିୟା କହି ଉଠିଲେ ଯେ ହେ ଖୌଲାଃ ! ତୁମେ ଯାହା କିଛି ବର୍ଣ୍ଣନା କଲ,ନିଶ୍ଚିତ ଭାବରେ ତାହା ଠିକ। କିନ୍ତୁ ଏକଥା ବତାଓ ଯେ ଆମେ ବନ୍ଦୀ ହୋଇରହିଛେ,ଆମ ହାତରେ ବର୍ଚ୍ଛା ବା ତରବାରୀ ନାହିଁ । ଆମେ କ'ଣ ବା କରିପାରିବା ! ନା ଘୋଡ଼ା ନା କୌଣସି ଅସ୍ତ୍ରଶସ୍ତ୍ର । କାରଣ ହଠାତ ଆମକୁ ବନ୍ଦୀ କରିଦିଆଗଲା । ହଜରତ ଖୌଲାଃ ର ଅ କହିଲେ ଯେ ସଚେତନ ରୁହ । ଟିକିଏ ବୁଦ୍ଧି ଖଟାଇ ଦେଖ ତମ୍ବୁର ଖୁଂଟଗୁଡ଼ିକ ତ ଅଛି । ଆମେ ସେହି ଖୁଂଟଗୁଡ଼ିକୁ ଉପାଡ଼ି ଏହି ବଦମାସମାନଙ୍କୁ ଆକ୍ରମଣ କରିଦେବା ଉଚିତ। ଆଗକୁ ଅଲ୍ଲାଃତାଲା ସାହାଯ୍ୟ କରିବାକୁ ଅଛନ୍ତି। ଆମେ ଜିତିବା ବା ଶହିଦ ହୋଇଯିବା । ଏଥିରେ ସମସ୍ତ ମହିଳା ସହମତ ହୋଇ ତମ୍ବୁର ଗୋଟିଏ ଗୋଟିଏ ଖୁଂଟି ଧରିଲେ । ହଜରତ

ଖୌଲାଃ ର ଅ ଗୋଟିଏ କାଠକୁ କାନ୍ଧରେ ରଖି ଆଗକୁ ବଢିଲେ ।

ହଜରତ ଖୌଲାଃ ର ଅ ନିଜ ଅଧିନରେ ଥିବା ମହିଳାମାନଙ୍କୁ କହିଲେ ଯେ ଜଞ୍ଜିରର କଡ଼ିମାନଙ୍କ ପରି ଏକାଠି ହୋଇଯାଅ । ଅଲଗା ଅଲଗା ହୋଇ ରୁହନାହିଁ । ଅନ୍ୟଥା ସମସ୍ତେ ମରିବ । ତାପରେ ହଜରତ ଖୌଲାଃ ର ଅ ଆଗକୁ ବଢି ଜଣେ ରୋମାନ ସେନାକୁ ପ୍ରହାର କରି ମାରିଦେଲେ । ରୋମାନ ମାନେ ଏହି ମହିଳାମାନଙ୍କର ସାହସ ଏବଂ ବାହାଦୁରିକୁ ଦେଖି ଆଶ୍ଚର୍ଯ୍ୟଚକିତ ହୋଇଗଲେ । ବୁତରୁସ କହିଲା ହେ ଅଭାଗାମାନେ ! ଏଠାରେ କଣ ଚାଲିଛି ? ଜଣେ ସାହାବିୟା ଉତର ଦେଲେ ଯେ ଆଜି ଆମେ ଏ ନିଷ୍ପତି କରିସାରିଛୁ ଯେ ଏହି କାଠ ସାହାଯ୍ୟରେ ତୁମକୁ ହତ୍ୟା କରି ନିଜ ପୂର୍ବଜ ମାନଙ୍କ ମାନ ସମ୍ମାନକୁ ସୁରକ୍ଷା କରିବୁ । ବୁତରୁସ କହିଲା ଯେ ଏମାନଙ୍କୁ ଜୀବିତ ଧରି ନିଅ ଏବଂ ଖୌଲାଃଙ୍କୁ ଜୀବନ୍ତ ଧରିବା ପାଇଁ ବିଶେଷ ଧ୍ୟାନ ଦିଅ । ଚାରିଆଡୁ ତିନି ହଜାର ରୋମୀ ଏକ ଗୋଲାକାର ହୋଇ ଛିଡ଼ା ହୋଇଥିଲେ । କିନ୍ତୁ କେହି ଜଣେ ବି ମହିଳାମାନଙ୍କ ନିକଟରେ ପହଂଚିପାରୁନଥିଲା। ଯଦି କେହି ଆଗକୁ ବଢୁଥିଲା,ତାହେଲେ ସେହି ମହିଳାମାନେ ତାଙ୍କ ଘୋଡ଼ାକୁ ଓ ତାପରେ ତାକୁ ମାରି ଦେଉଥିଲେ । ଏହିପରି ଭାବରେ ସେମାନେ ତିରିଶି ଜଣ ଅଶ୍ୱାରୋହୀଙ୍କୁ ମାରିଦେଲେ ।

ବୁତରୁସ ଏହା ଦେଖି କ୍ରୋଧରେ ଜଳିଗଲା। ସେ ଘୋଡ଼ାରୁ ତଳକୁ ଓହ୍ଲାଇଲା । ନିଜ ସାଥିମାନଙ୍କ ସହିତ ମିଶି ତରବାରୀ ସାହାଯ୍ୟରେ ଆକ୍ରମଣ କଲା । କିନ୍ତୁ ସେହି ମହିଳାମାନେ ଗୋଟିଏ ସ୍ଥାନରେ ରହି ଏକାଠି ସମସ୍ତଙ୍କର ମୁକାବିଲା କଲେ । ଫଳତଃ ସେମାନଙ୍କ ନକଟକୁ କେହି ଆସିପାରିଲେ ନାହିଁ । ହଜରତ ଖୌଲାଃ ର ଅଙ୍କୁ ବୁତରୁସ ସମ୍ବୋଧନ କରି କହିଲା ଯେ ହେ ଖୌଲାଃ ! ନିଜ ଜୀବନ ଉପରେ ଦୟା କର । ମୁଁ ତୁମର ସମ୍ମାନ କରୁଛି । ମୋ ହୃଦୟରେ ତୁମ ପାଇଁ ବହୁତ କିଛି ଅଛି । କ'ଣ ତୁମକୁ ଏହା ପସନ୍ଦ ନୁହେଁ ଯେ ମୋ ପରିକା ଜଣେ ରାଜା ସଦୃଶ ବ୍ୟକ୍ତି ତୁମର ମାଲିକ ହୁଅନ୍ତୁ,ଏବଂ ମୋର ସମସ୍ତ ସମ୍ପତି ତୁମର ହୋଇଯାଉ । ହଜରତ ଖୌଲାଃ ର ଅ କହିଲେ ହେ ଦୁର୍ଭାଗ୍ୟ ଅବିଶ୍ୱାସୀ ! ଅଲ୍ଲାଃଙ୍କ ରାଣ ! ମୋ ଇଚ୍ଛା ହେଉଛି ତୁମ ମୁଣ୍ଡକୁ ଏହି କାଠରେ ପିଟି ଫଟାଇ ଦିଅନ୍ତି । ଅଲ୍ଲାଃଙ୍କ ରାଣ ! ତୁ ମୋ ଛେଳି ଏବଂ ଓଟଗୁଡ଼ିକୁ ଚରାଇବାକୁ ଯଦି ଚାହିଁବୁ ତାହେଲେ ତାହା ବି ମୋତେ ପସନ୍ଦ ନାହିଁ । ଯେବେକି ତୁ ମୋ ସମାନତାର ଦାବି କରୁଛୁ ! ଏହା ଶୁଣି ବୁତରୁସ ତା ସେନାକୁ କହିଲା ଯେ ଏ ସମସ୍ତଙ୍କୁ ହତ୍ୟା କରିଦିଅ । ସେନା ପୁଣି ପ୍ରସ୍ତୁତ ହେଉଥିଲା ଯେ ସେମାନେ ପୁନର୍ବାର ଆକ୍ରମଣ କରିବେ । ଏବଂ ପ୍ରାରମ୍ଭିକ ଆକ୍ରମଣ କରିବାକୁ ଥିଲେ ଯେ ମୁସଲମାନମାନେ ହଜରତ ଖାଲିଦ୍ ବିନ ୱ୍ଲିଦ ଙ୍କ ନେତୃତ୍ୱରେ ସେଠାରେ ପହଂଚିଗଲେ । ତାଙ୍କୁ ସମସ୍ତ ଘଟଣା ବିଷୟରେ ଅବଗତ କରାଗଲା । ମହିଳାମାନଙ୍କ ବାହାଦୁରି ଏବଂ ଯୁଦ୍ଧ କରିବା ଦେଖି ମୁସଲମାନମାନେ ବହୁତ ଖୁସି ହେଲେ । ତାପରେ ମୁସଲମାନ ସେନା କୁଫାରମାନଙ୍କ ଚାରିପାଖରେ ଗୋଲାକାର କରି ଘେରି ଗଲେ ଏବଂ ଏକା ସାଙ୍ଗରେ ମିଶି କୁଫାର ଉପରେ ଆକ୍ରମଣ କରିଦେଲେ । ହଜରତ ଖୌଲାଃ ର ଅ ଚିତ୍କାର କରି କହିଲେ ଯେ ଅଲ୍ଲାଃଙ୍କ ସୌଗନ୍ଧ ଅଲ୍ଲାଃଙ୍କ ସାହାଯ୍ୟ ଆସିଯାଇଛି ! ଅଲ୍ଲାଃ ଆମ ଉପରେ ଦୟା କରିଛନ୍ତି ! ଯେବେ ବୁତରୁସ ମୁସଲମାନମାନଙ୍କୁ ଏପରି ଦେଖିଲା,ଆଶ୍ଚର୍ଯ୍ୟଚକିତ ହୋଇଗଲା ଏବଂ ପଳାଇବାକୁ ଲାଗିଲା । କିନ୍ତୁ ପଳାଇବା ପୂର୍ବରୁ ସେ ଦୁଇଜଣ ମୁସଲମାନ ଅଶ୍ୱାରୋହୀଙ୍କୁ ନିଜ ଆଡ଼କୁ ଆସିବାର ଦେଖିଲା । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ଖାଲିଦ ଏବଂ ଦ୍ୱିତୀୟ ଜଣକ ଥିଲେ ହଜରତ ଜିରାର ର ଅ । ହଜରତ ଜିରାର ର ଅ ତା ଉପରକୁ ଗୋଟିଏ ବର୍ଛା ଫିଙ୍ଗିଲେ । ସେ ଘୋଡ଼ା ଉପରୁ ପଡୁ ପଡୁ ବଂଚିଗଲା । ପୁଣି ଜିରାର ତା ଉପରକୁ ଦ୍ୱିତୀୟ ବର୍ଛା ରେ ପ୍ରହାର କଲେ । ଫଳତଃ ସେ ସେଠାରେ ତଳେ ପଡି ମରିଗଲା । ମୁସଲମାନମାନେ ଅନେକ ରୋମୀୟ ମାନଙ୍କୁ ହତ୍ୟା କରିଲେ । ଯେଉଁମାନେ ବଂଚିଗଲେ, ସେମାନେ ଦମସ୍କକୁ ପଳାଇଗଲେ ।

ଯେବେ ହଜରତ ଖାଲିଦ ର ଅ ଲେଉଟିଲେ,ବୁଲସକୁ ଡ଼ାକିଲେ ଏବଂ ତାକୁ ଇସଲାମ ଗ୍ରହଣ କରିବାକୁ ପ୍ରସ୍ତାବ ଦେଲେ ଏବଂ କହିଲେ ଯେ ଇସଲାମ ଗ୍ରହଣ କରିନିଅ ନଚେତ ତୁମ ସହିତ ସେହିପରି ବ୍ୟବହାର କରାଯିବ ଯେମିତି ବ୍ୟବହାର ତୁମ ଭାଇଙ୍କ ସହିତ କରାଯାଇଛି । ବୁଲସ କହିଲା ମୋ ଭାଇଙ୍କ ସହିତ କ'ଣ କରାଗଲା ? ଖାଲିଦ ର ଅ କହିଲେ : ତାକୁ ହତ୍ୟା କରାଗଲା । ବୁଲସ ନିଜ ଭାଇର ପରିଣାମ ଦେଖି କହିଲା ଯେ ଏବେ ଜୀବନରେ ଆଉ କିଛି ମଜା ନାହିଁ । ମତେ ବି ମୋ ଭାଇ ସହିତ ମିଳାଇ ଦିଅ । ଅତେବ ତାକୁ ମଧ୍ୟ ହତ୍ୟା କରିଦିଆଗଲା । ***(ଫୁତୁହାତେ ଶାମ ଅଜ ଫଜଲ ମହମ୍ମଦ ୟୁସୁଫ ଜଇ, ପୃ-୮୨-୮୯, ମକତବାଃ ଇମାନ ଓ୍ୱ ୟକିନ)***

ସେ ଯାହା ବି ହେଉ ଇସଲାମୀୟ ସେନା ପୁଣି ଅଜନାଦୀନଠାରେ ଏକତ୍ର ହୋଇଗଲେ । ଏହି ବିବରଣୀ ପୂର୍ବରୁ ବର୍ଣ୍ଣନା ହୋଇସାରିଛି । ପ୍ରଥମେ ତ ସେହି ସ୍ଥାନକୁ ଛାଡ଼ି ଆସିଥିଲେ । ଏବେ ଏହି ଯୁଦ୍ଧ ପରେ ପୁନର୍ବାର ଦମସ୍କକୁ ଘେରାଉଟ କରିବା ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ ଅଜନାଦୀନ ବିଜୟ ପରେ ହଜରତ ଖାଲିଦ ର ଅ ଇସଲାମୀୟ ସେନାକୁ ଦମସ୍କ ଆଡ଼କୁ ପୁନର୍ବାର ଅଭିଯାନ କରିବା ପାଇଁ ଆଦେଶ ଦେଲେ । ଦମସ୍କବାସୀଙ୍କୁ ଅଜନାଦୀନଠାରେ ରୋମାନ ସେନାର ପରାଜୟ ବରଣ କରିବାର ଖବର ମିଳି ସାରିଥିଲା । କିନ୍ତୁ ଯେବେ ସେମାନଙ୍କୁ ଏ ଖବର ପହଂଚିଲା ଯେ ଇସଲାମୀୟ ସେନା ଏବେ ଦମସ୍କ ଆଡ଼କୁ ମୁହାଁଇଛି,ସେମାନେ ବହୁତ ବ୍ୟତିବ୍ୟସ୍ତ ହୋଇ ଭୟଭୀତ ହେଲେ । ଦମସ୍କର ଚାରିପାଖରେ ବସବାସ କରୁଥିବା ଲୋକେ ପଳାୟନ କରି କିଲ୍ଲା ଭିତରେ ଯାଇ ଶରଣ ନେଲେ । କିଲ୍ଲା ଭିତରେ ପର୍ଯ୍ୟାପ୍ତ ପରିମାଣର ଶସ୍ୟ ଏବଂ ଉପଯୋଗୀ ସାମଗ୍ରୀ ସଂରକ୍ଷଣ କରିନେଲେ । ଏତତଦ୍ୱାରା ଯଦି ଇସଲାମୀୟ ସେନାର ଘେରାଉଟ (ଦୁର୍ଗ ଅବରୋଧ କରିବା) ର ସମୟ ଦୀର୍ଘ ହୁଏ,ତାହେଲେ ସେମାନଙ୍କର ଷ୍ଟକ ଶେଷ ହେବ ନାହିଁ । ଏତତବ୍ୟତୀତ ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧ ଉପକରଣମାନ ମଧ୍ୟ ସଂଗ୍ରହ କରି ରଖିଲେ । କିଲ୍ଲାର କାନ୍ଥରେ ମୁନଜନିକ (ଅର୍ଥାତ ବଡ଼ ଧରଣର ବାଟୁଳୀ), ପଥର ,ଢାଲ ଏବଂ ତୀର କମାଣ ଇତ୍ୟାଦି ସାମଗ୍ରୀ ଯୋଗାଇ ଦେଲେ । ଯଦ୍ୱାରା କିଲ୍ଲାର କାନ୍ଥ ଉପରୁ ଘେରାଉଟ କରିଥିବା ଲୋକମାନଙ୍କ ଉପରକୁ ଆକ୍ରମଣ କରାଯାଇ ପାରିବ । ଇସଲାମୀୟ ସେନା ଦମସ୍କ ନିକଟରେ ନିଜର ଛାଉଣି ପକାଇଲେ । ପୁଣି ଇସଲାମୀୟ ସେନା ଆଗକୁ ବଢି କିଲ୍ଲାକୁ ଅବରୋଧ କରିଦେଲେ । ହଜରତ ଖାଲିଦ ର ଅ ଦମସ୍କର ସମସ୍ତ ଫାଟକଗୁଡ଼ିକରେ ସର୍ଦ୍ଦାରମାନଙ୍କୁ ସେମାନଙ୍କ ସେନା ସମେତ ମୃତୟନ କରିଦେଲେ । ***(ମରଦାନେ ଅରବ ଭା-୦୧,ଅଜ ଅବ୍ଦୁଲ ସତତାର ହମଦାନୀ ,ପୃ-୨୪୭,ଅକବର ବୁକ ସେଲ୍ସ ଲାହୋର)***

ସେତେବେଳେ ଦମସ୍କର ହାକିମ ତୌମାଃ ଥିଲା । ଦମସ୍କର ସମ୍ଭ୍ରାନ୍ତ, ଅମୀର ଏବଂ ବୁଦ୍ଧିଯିବି ଲୋକମାନେ ତୌମାଃକୁ ପରାମର୍ଶ ଦେଲେ ଯେ ଆମ ନିକଟରେ ଇସଲାମୀୟ ସେନା ସହିତ ଯୁଦ୍ଧ କରିବା ପାଇଁ ଶକ୍ତି ନାହିଁ । ତେଣୁ ଆପଣ ହିରକଲ ସମ୍ରାଟ ଠାରୁ ସାହାଯ୍ୟ ନିଅନ୍ତୁ ବା ପୁଣି ମୁସଲମାନ ମାନଙ୍କ ସହିତ ଶାନ୍ତି ଚୁକ୍ତି କରିନିଅନ୍ତୁ । ସେମାନେ ଯାହ ମାଗିବେ ସେମାନଙ୍କୁ ତାହା ଦେଇ ନିଜର ଜୀବନ ବଂଚାନ୍ତୁ । ଏଥିରେ ତୌମାଃ ଅହଂକାର ଏବଂ ଗର୍ବ କରି କହିଲା ଯେ ଆରବମାନଙ୍କର କୌଣସି ସ୍ଥିତି ଥିବାର ମୁଁ ବୁଝୁନାହିଁ । ମୁଁ ହେଉଛି ହିରକଲ୍ ସମ୍ରାଟର ଜ୍ୱାଇଁ ଏବଂ ମୁଁ ଯୁଦ୍ଧ ବିଦ୍ୟାରେ ନିପୁଣ । ମୋ ଉପସ୍ଥିତରେ ମୁସଲମାନମାନଙ୍କୁ ଏହି ସହରରେ ପାଦ ଥାପିବାକୁ ସାହସ ହେବନାହିଁ

ମୁଖିଆମାନଙ୍କ ବୁଝା ସୁଝା କରିବାରେ ବି ତୌମାଃ ଏକଥା କହି ସେମାନଙ୍କୁ ସନ୍ତୁଷ୍ଟ କରିଦେଲା ଯେ ଖୁବ ଶୀଘ୍ର ହିରକଲ ସମ୍ରାଟ ତରଫରୁ ଗୋଟିଏ ବଡ଼ ସୈନ୍ୟବାହିନୀ ଆମକୁ ସାହାଯ୍ୟ କରିବା ପାଇଁ ଆସି ପହଂଚିବ । ତୌମାଃ ସବୁ ଦିଗରୁ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶ ଦେଲା । ସେହି ଆକ୍ରମଣ ଫଳରେ ଅନେକ ମୁସଲମାନ ଆହାତ ହେଲେ ଏବଂ ଶହୀଦ ମଧ୍ୟ ହେଲେ । ହଜରତ ଅବାନ ବିନ ସଇଦ ର ଅ ଙ୍କୁ ମଧ୍ୟ ଗୋଟିଏ ବିଷାକ୍ତ ତୀର ଦ୍ୱାରା ଆଘାତ ଲାଗିଥିଲା । ତୀର ବାହାର କରିବା ପରେ ସେ କ୍ଷତ ଉପରେ ନିଜର ପଗଡ଼ି ବାନ୍ଧି ଦେଲେ । କିନ୍ତୁ କିଛି ସମୟ ମଧ୍ୟରେ ତାଙ୍କ ଶରୀରରେ ବିଷ ଖେଳିଗଲା । ଫଳତଃ ସେ ବେହୋସ ହୋଇ ପଡ଼ିଗଲେ । ପୁଣି ସେଠାରେ କିଛି ସମୟ ପରେ ସେ ଶହୀଦ ହୋଇଗଲେ । ହଜରତ ଅବାନ ର ଅ ଙ୍କ ନିକାହ (ବିବାହ) ଅଜନାଦୀନ ଯୁଦ୍ଧ ସମୟରେ ହଜରତ ଉମ୍ମେ ଅବାନଙ୍କ ସହିତ ହୋଇଥିଲା। ତାଙ୍କ ହାତର ମେହେନ୍ଦୀ ଓ ତାଙ୍କ ଦେହର ଅତର ଏପର୍ଯ୍ୟନ୍ତ ବାକି ଥିଲା । ଅର୍ଥାତ ବିଲକୁଲ ତାଜା ତାଜା ବିବାହ ହୋଇଥିଲା । ହଜରତ ଉମ୍ମେ ଅବାନ ର ଅଙ୍କ ଗଣନା ଆରବର ସେହି ବାହାଦୁର ମହିଳାମାନଙ୍କ ମଧ୍ୟରେ ହୋଇଥାଏ,ଯେଉଁମାନେ ଜିହାଦ କରିବାରେ ଆଗରେ ରହୁଥିଲେ । ଯେବେ ତାଙ୍କୁ ତାଙ୍କ ସ୍ୱାମୀଙ୍କ ଶହୀଦ ହେବାର ଖବର ମିଳିଲା,ସେ ଦଉଡ଼ି ଦଉଡ଼ି ,ଉଠି ପଡ଼ି ଆସି ପହଂଚିଲେ । ନିଜ ସ୍ୱାମୀଙ୍କ ଶବ ନିକଟରେ ଧୈର୍ଯ୍ୟ ଦେଖାଇ ଚୁପଚାପ ଛିଡ଼ା ହୋଇଗଲେ । ନିଜ ମୁଁହରୁ ଅକୃତଜ୍ଞତାର ଗୋଟିଏ ଶବ୍ଦ ବି ବାହାର କଲେ ନାହିଁ । ସେ ନିଜ ସ୍ୱାମୀଙ୍କ ବିୟୋଗରେ କିଛି ପଦ କବିତା ପାଠ କଲେ । ହଜରତ ଖାଲିଦ ବିନ ୱ୍ଲିଦ ର ଅ ତାଙ୍କର ନମାଜ ଜନାଯାଃ ପଢାଇଲେ । କବର ଦେବା ପରେ ହଜରତ ଉମ୍ମେ ଅବାନ ର ଅ ନିଜ ତମ୍ବୁ ଆଡ଼କୁ ଜଣେ ଦୃଢ ନିଷ୍ଠାର ସହିତ ଏବଂ ଦୃଢ ଇଚ୍ଛା ପୋଷଣ କରି ଗଲେ । ନିଜର ଅସ୍ତ୍ରକୁ ହାତରେ ଧରିଲେ ଏବଂ ନିଜର ଚେହେରାକୁ କନାରେ ବାନ୍ଧି ବାବେ ତୌମାଃଠାରେ ପହଂଚିଗଲେ । ଯେଉଁଠାରେ ତାଙ୍କ ସ୍ୱାମୀଙ୍କୁ ଶହୀଦ କରାଯାଇଥିଲା । ବାବେ ତୌମାଃଠାରେ ସେତେବେଳେ ଭିଷଣ ଯୁଦ୍ଧ ଚାଲିଥିଲା । ହଜରତ ଉମ୍ମେ ଅବାନ ର ଅ ସେହି ମୁସଲମାନମାନଙ୍କ ସହିତ ମିଶି ଭିଷଣ ଯୁଦ୍ଧ କଲେ ଏବଂ ନିଜ ତୀର ଦ୍ୱାରା ଅନେକ ରୋମାନ ସେନାଙ୍କୁ ଆହାତ କରିଥିଲେ ଏବଂ କେତେକଙ୍କୁ ମାରିଦେଇଥିଲେ । ପରିଶେଷରେ ଯୁଦ୍ଧ ସମୟରେ ସେ ସୁଯୋଗ ପାଇ ତୌମାଃର ଅଙ୍ଗରକ୍ଷୀମାନଙ୍କୁ ଲକ୍ଷ୍ୟ କରି ତୀର ନିକ୍ଷେପ କଲେ । ସେହି ରକ୍ଷକର ହାତରେ ସଲିବେ ଆଜମ (ଅର୍ଥାତ ମହାନ କୃଶ) ଥିଲା ।

ସେହି ସଲିବ ସୁନାରେ ନିର୍ମାଣ କରାଯାଇଥିଲା ଏବଂ ସେଥିରେ ବହୁମୂଲ୍ୟ ପଥର ଖଞ୍ଜା ଯାଇଥିଲା । ସଲିବ ଆଜମକୁ ଧାରଣ କରିଥିବା ବ୍ୟକ୍ତି ରୋମୀୟମାନଙ୍କୁ ଯୁଦ୍ଧ କରିବାକୁ ପ୍ରୋତ୍ସାହିତ କରୁଥିଲା ଏବଂ ସଲିବ (କୃଶ) ଠାରୁ ସଫଳତାର ପ୍ରାର୍ଥନା କରୁଥିଲା । ହଜରତ ଉମ୍ମେ ଅବାନ ର ଅ ଙ୍କ ତୀର ଯେଉଁକ୍ଷଣ ସେହି ଲୋକଟିକୁ ଲାଗିଲା,ତା ହାତରୁ ସଲିବ ତଳେ ପଡ଼ିଗଲା ଏବଂ ତାହା ମୁସଲମାନମାନଙ୍କ ହାତରେ ପଡ଼ିଗଲା ।

ତୌମାଃ ଯେବେ ଦେଖିଲା ଯେ ସଲିବଟି ମୁସଲମାନମାନଙ୍କ କବ୍ଜାକୁ ଚାଲିଯାଇଛି,ସେ ନିଜ ସାଥିମାନଙ୍କ ସହିତ ତାହାକୁ ଫେରାଇ ଆଣିବା ପାଇଁ ତଳକୁ ଓହ୍ଲାଇଲା ଏବଂ ଫାଟକକୁ ଖୋଲି ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବା ଆରମ୍ଭ କରିଦେଲା । ସେତିକି ବେଳେ କିଲ୍ଲା ଉପରୁ ରୋମୀୟ ମାନେ ମଧ୍ୟ ଭିଷଣ ଆକ୍ରମଣ ଆରମ୍ଭ କରିଦେଲେ । ଏହି ଅବଧି ମଧ୍ୟରେ ହଜରତ ଉମ୍ମେ ଅବାନ ର

ଅ ମଉକା ପାଇ ତୌମାଃର ଆଖିକୁ ଲକ୍ଷ୍ୟ କରି ତୀର ନିକ୍ଷେପ କଲେ । ଏହାଦ୍ୱାରା ତୌମାଃର ଆଖି ସବୁଦିନ ପାଇଁ ଅନ୍ଧ ହୋଇଗଲା । ଏଥିରେ ତୌମାଃକୁ ନିଜ ସାଥିମାନଙ୍କ ସହିତ ପଛକୁ ଯିବାକୁ ପଡ଼ିଲା ଏବଂ ସେମାନେ କିଲ୍ଲା ଭିତରେ ପ୍ରବେଶ କରି କିଲ୍ଲାର ଫାଟକକୁ ବନ୍ଦ କରିଦେଲେ । ତୌମାଃଙ୍କ ଏହି ଅବସ୍ଥା ଦେଖି ଦମସ୍କବାସୀ କହିଲେ ଯେ ସେଇଥିପାଇଁ ଆମେ କହିଥିଲୁଁ ଯେ ଏହି ଆରବମାନଙ୍କ ସହିତ ଯୁଦ୍ଧ କରିବା ଆମ ପାଇଁ ସହଜ ନୁହେଁ । ତେଣୁ ଆରବମାନଙ୍କ ସହିତ ମସାଲିହତ (ଶାନ୍ତି ଚୁକ୍ତି) କରିବା ପାଇଁ କୌଣସି ବାଟ ବାହାର କରିବା ଉଚିତ । ଏକଥା ଶୁଣି ତୌମାଃ ଆହୁରି ଅଧିକା କ୍ରୋଧିତ ହୋଇଗଲା ଏବଂ ନିଜ ସାଥିମାନଙ୍କୁ କହିଲା ଯେ ମୁଁ ମୋ ନିଜ ଆଖିର ପ୍ରତିଶୋଧ ସ୍ୱରୂପ ସେମାନଙ୍କର ଏକ ହଜାର ଆଖି ଫୁଟାଇ ଦେବି

***(ମରଦାନେ ଅରବ ଭା-୦୧,ଅଜ ଅବ୍ଦୁଲ ସତତାର ହମଦାନୀ, ପୃ-୨୪୮-୨୫୪, ଅକବର ବୁକ ସେଲ୍ସ ଲାହୋର)***

ଦମସ୍କବାସୀଙ୍କୁ ହିମସରୁ କୋଡ଼ିଏ ହଜାର ସୈନ୍ୟ ସହାୟତା ମିଳିବାର ଆଶା ଥିଲା । (ସୟଦନା ଉମର ବିନ୍ ଖତାବ ର ଅ ଅଜ ଅଲୀ ମୁହମ୍ମଦ ସଲାବୀ ପୃ-୭୨୪) କିନ୍ତୁ ଇସଲାମୀୟ ସୈନ୍ୟବାହିନୀ ସେନାର ଗୋଟିଏ ଦଳକୁ ପଠାଇ ଦମସ୍କ ମାର୍ଗରେ ନିୟୋଜିତ କରିଦେଲା । ଏହିପରି ଭାବେ ହିମସରୁ ଆସିଥିବା ସେନାକୁ ସେହିଠାରେ ହିଁ ଅଟକାଇଦିଆଗଲା । ମୁସଲମାନମାନେ ଦମସ୍କକୁ ଭିଷଣ କଠୋରତାର ସହିତ ଘେରାଉଟ କରି ରଖିଲେ । ଏଥିରେ ସେମାନେ ଆକ୍ରମଣ,ତୀରନ୍ଦାଜୀ ଏବଂ କାଟାପୁଲ୍ଟ ମାରି ଶତ୍ରୁଙ୍କୁ ବହୁତ ହଇରାଣ ହରକତ କରିଦେଲେ। ଦମସ୍କବାସୀଙ୍କୁ ଯେତେବେଳେ ଏ ବିଶ୍ୱାସ ହୋଇଗଲା ଯେ ସେମାନଙ୍କୁ ସାହାଯ୍ୟ ସହାୟତା ମିଳିପାରିବ ନାହିଁ,ତେଣୁ ° ସେମାନଙ୍କ ମଧ୍ୟରେ ଦୃବଳତା ଏବଂ ଭୟଭୀତତା ସୃଷ୍ଟି ହୋଇଗଲା । ସୁତରାଂ ସେମାନେ ଆଉ ଅଧିକା ସଂଗ୍ରାମ କରିବାକୁ ତ୍ୟାଗ କରିଦେଲେ । ଏପଟେ ମୁସଲମାନମାନଙ୍କ ମନରେ ସେମାନଙ୍କୁ ପରାସ୍ତ କରିବାର ମନୋଭାବ ଆହୁରି ବଢିଗଲା । ***(ତାରିଖେ ତିବରୀ ଭା-୦୨,ପୃ-୩୫୭-୩୫୮,ଦାରୁଲ କୁତୁବୁଲ ଅଲମିୟା ବେରୁତ ଲେବନାନ ୨୦୧୨)***

ଦମସ୍କବାସୀଙ୍କର ଏ ଭାବନା ଥିଲା ଯେ ଶୀତର ପ୍ରକୋପରେ ମୁସଲମାନମାନେ ଏତେ ଲମ୍ବା ସମୟ ପର୍ଯ୍ୟନ୍ତ ଏମିତି ଦୁର୍ଗ ଅବରୋଧର କଷ୍ଟକୁ ସହ୍ୟ କରିପାରିବେ ନାହିଁ । କିନ୍ତୁ ମୁସଲମାନମାନେ ସାହସର ସହିତ ଏପରି ପରିସ୍ଥିତିର ସମ୍ମୁଖିନ ହୋଇଥିଲେ । ଦମସ୍କର ଚତୁପାର୍ଶ୍ୱରେ ଥିବା ଖାଲି ଘରଗୁଡ଼ିକୁ ମୁସଲମାନମାନେ ବିଶ୍ରାମ ଏବଂ ଆରାମ କରିବା ନିମନ୍ତେ ବ୍ୟବହାର କଲେ । ସାପ୍ତାହିକ ବ୍ୟବସ୍ଥା ଅନୁଯାୟୀ ନିଜ ପାଳି ଅନୁସାରେ ଗୋଟିଏ ସେନା ଦଳ ଯାଇ ଲଢୁଥିଲା,ଏବଂ ଅନ୍ୟ ଦଳଟି ଆସି ଏଠାରେ ବିଶ୍ରାମ କରୁଥିଲା । ସେହିପରି ଫାଟକଠାରେ ଆବସ୍ଥାପିତ ସାମରିକକ ବାହିନୀର ପଛରେ,ସେମାନଙ୍କୁ ସାହାଯ୍ୟ କରିବାକୁ ଏବଂ ସେମାନଙ୍କର ନିରିକ୍ଷଣ କରିବାକୁ ଆଉ ଗୋଟିଏ ଦଳକୁ ନିୟୋଜିତ କରାଯାଇଥିଲା । ଏହିପରି ଭାବରେ ଦୀର୍ଘରୁ ଦୀର୍ଘତମ ଘେରାଉଟକୁ ଆୟତ କରିବା ସହଜ ହୋଇଗଲା । କିନ୍ତୁ ମୁସଲମାନମାନେ କେବଳ ଏତିକିରେ କ୍ଷାନ୍ତ ହେଲେ ନାହିଁ । ବରଂ ଶତୃପକ୍ଷର ସୁସଂଗଠିତ ପ୍ରତିରୋଧକୁ ଭାଙ୍ଗିବା ପାଇଁ ସେମାନଙ୍କର ରଣଭୂମି ଅନୁସନ୍ଧାନ ଏବଂ ଯୁଦ୍ଧ କୌଶଳ ଅଲଗା ସ୍ୱତନ୍ତ୍ର ଭାବରେ କାମ କରୁଥିଲା । ପ୍ରତିରୋଧର ଏହି ସୁସଂଗଠିତ ଏବଂ ଦୀର୍ଘ କ୍ରମକୁ ଭାଙ୍ଗିବା ପାଇଁ ହଜରତ ଖାଲିଦ ବିନ ୱଲିଦ ର ଅ ଏପରି ଗୋଟିଏ ଉପଯୁକ୍ତ ସ୍ଥାନକୁ ଚୟନ କରିବାରେ ସଫଳ ହୋଇଗଲେ,ଯେଉଁ ମାର୍ଗ ଦେଇ ଶତୃମାନଙ୍କ ମଧ୍ୟରେ ପ୍ରବେଶ କରିବା ସମ୍ଭବ ହେଉଥିଲା । ତାହା ଦମସ୍କର ସର୍ବୋତମ ଅଂଚଳ ଥିଲା । ସେହି ସ୍ଥାନରେ ଖନ୍ଦକ (ଗଡ଼ଖାଇ) ର ପାଣି ବହୁତ ଗଭୀର ଥିଲା । ସେଠାରେ ପ୍ରବେଶ କରିବା ବହୁତ କଷ୍ଟକର କାର୍ଯ୍ୟ ଥିଲା । ହଜରତ ଖାଲିଦ ର ଅ ସେଥିରେ ପ୍ରବେଶ କରିବାର ଗୋଟିଏ ଉପାୟ ପାଂଚିଲେ ଯେ କିଛି ଦଉଡ଼ିକୁ ସଂଗ୍ରହ କରିଲେ ଯଦ୍ୱାରା ସେହି ଦଉଡିଗୁଡିକରେ ଗଣ୍ଠି ତିଆରି କରି ତା ସାହଯ୍ୟରେ କିଲ୍ଲାର କାନ୍ଥ ଉପରେ ଚଢି ଦମସ୍କ ଭିତରକୁ ଓହ୍ଲାଇ ହେବ । ତାହା ପାହାଚର କାମ ଦେବ । ହଜରତ ଖାଲିଦ ର ଅଙ୍କୁ କୌଣସି ପ୍ରକାରେ ଏ ଖବର ମିଳିଯାଇଥିଲା ଯେ ଦମସ୍କ ମାର୍ଗରେ ରୋମାନ ସୈନ୍ୟବାହିନୀର ଦଶ ହଜାରୀ କମାଣ୍ଡରଙ୍କ ଘରେ ଶିଶୁ ଜନ୍ମ ହୋଇଛି । ସେହି କମାଣ୍ଡରଙ୍କ ଅଙ୍ଗରକ୍ଷୀ ସମେତ ସମସ୍ତେ ସେଠାରେ ଯାଇ ଭୋଜି ଖାଉଛନ୍ତି । ସୁତରାଂ ସେମାନେ ସମସ୍ତେ ଖାଇ ପିଇ ମଜାରେ ଶୋଇଗଲେ ଏବଂ ନିଜ ନିଜର କର୍ତବ୍ୟ ପାଳନ କରିବାକୁ ଭୂଲିଗଲେ । ଏହି ସମୟରେ ହଜରତ ଖଲିଦ ବିନ ୱଲିଦ ର ଅ ନିଜର କେତେକ ସାଥିଙ୍କୁ ସାଥିରେ ଧରି ମାଠିଆ ସାହାଯ୍ୟରେ ଖନ୍ଦକ (ଗଡ଼ଖାଇ) କୁ ପାର ହୋଇ କାନ୍ଥ ନିକଟରେ ପହଂଚିଗଲେ । ପୁଣି ଦଉଡ଼ି ଗୁଡ଼ିକୁ ଫାନ୍ଦ ଗଣ୍ଠି ପକାଇ ପାହାଚ ଭାବରେ ବ୍ୟବହାର କରି ଦୃଢତାର ସହିତ କାନ୍ଥ ଉପରେ ଫସେଇ ଦେଲେ । ଏହିପରି ଅନେକ ଦଉଡ଼ିକୁ କାନ୍ଥରେ ଝୁଲାଇ ଦେଲେ । ଏହିପରି ଦଉଡ଼ି ସାହାଯ୍ୟରେ ବହୁ ସଂଖ୍ୟକ ମୁସଲମାନ କିଲ୍ଲାର କାନ୍ଥ ଉପରେ ଚଢିଗଲେ ଏବଂ କିଲ୍ଲା ଭିତରକୁ ପଶି ଫାଟକ ନିକଟରେ ପହଂଚିଗଲେ । ଫାଟକଗୁଡ଼ିକର କିଳିନିଗୁଡ଼ିକୁ ତରବାରୀ ସାହାଯ୍ୟରେ କାଟି ଅଲଗା କରିଦିଆଗଲା । ଏହିପରି ଭାବରେ ଇସଲାମିକ ସେନା ଦମସ୍କରେ ପ୍ରବେଶ କରିଥିଲେ । ***(ସୟଦନା ଉମର ବିନ ଖତାବ ଅଜ ଅଲି ମୁହମ୍ମଦ ସଲାବୀ ପୃ-୭୨୭-୭୨୮ ମକତବାଃ ଅଲଫୁରକାନ ମୁଜଫର ଗଢ)***

ହଜରତ ଖଲିଦ ବିନ ୱଲିଦ ର ଅଙ୍କ ସେନା ପୂର୍ବ ଫାଟକକୁ କବ୍ଜା କରିଦେଲେ । ଏହା ଦେଖି ରୋମୀୟମାନେ ଭୟଭୀତ ହୋଇ ହଜରତ ଅବୁ ଉବୈଦାଃ ର ଅ ଙ୍କ ସହିତ ପଶ୍ଚିମ ଫାଟକରେ ସୁଲାହ (ଶାନ୍ତି ଚୁକ୍ତି) କରିବା ପାଇଁ ନିବେଦନ କଲେ । ଯଦିଓ ମୁସଲମାନମାନଙ୍କ ତରଫରୁ ପ୍ରଥମେ ସୁଲାହ କରିବାର ଅନୁରୋଧକୁ ସେମାନେ ପ୍ରତ୍ୟାଖ୍ୟାନ କରିଦେଇଥିଲେ ଏବଂ ଯୁଦ୍ଧ କରିବା ପାଇଁ ଜିଦି କରିଥିଲେ । ହଜରତ ଅବୁ ଉବୈଦାଃ ର ଅ ଖୁସି ଖୁସି ସେମାନଙ୍କର ଏହି ଅନୁରୋଧକୁ ଗ୍ରହଣ କରିନେଲେ । ଏଥିରେ ରୋମୀୟମାନେ କିଲ୍ଲାର ଫାଟକକୁ ଖୋଲିଦେଲେ ଏବଂ ମୁସଲମାନମାନଙ୍କୁ କହିଲେ ଯେ ଶୀଘ୍ର ଆସନ୍ତୁ ଏବଂ ଆମର ଏହି ଫାଟକଗୁଡ଼ିକ ଉପରେ ଅକ୍ରମଣ କରିଥିବା ଅର୍ଥାତ ହଜରତ ଖାଲିଦ ର ଅ ଙ୍କଠାରୁ ଆମକୁ ବଂଚାନ୍ତୁ । ଫଳାଫଳ ଏହା ହେଲା ଯେ ମସଲମାନମାନେ ସମସ୍ତ ଫାଟକ ଦେଇ ଶାନ୍ତି ପୂର୍ଣ୍ଣ ଭାବରେ ସହର ଭିତରେ ପ୍ରବେଶ କରିଗଲେ । ଏବଂ ହଜରତ ଖାଲିଦ ର ଅ ନିଜ ଫାଟକ ଦେଇ ଲଢେଇ କରି କରି ସହର ଭିତରେ ପ୍ରବେଶ କରିଲେ । ହଜରତ ଖାଲିଦ ର ଅ ଏବଂ ବାକି ଚାରିଜଣ ମୁସଲିମ ଅମୀରମାନେ ସହରର ମଧ୍ୟ ଭାଗରେ ପରସ୍ପରକୁ ଭେଟିଲେ । ହଜରତ ଖାଲିଦ ର ଅ ଯଦିଓ ଦମସ୍କର କିଛି ଅଂଶକୁ ଲଢେଇ କରି ବିଜୟ କରିଥିଲେ,କିନ୍ତୁ ଯେହେତୁ ହଜରତ ଅବୁ ଉବୈଦାଃ ର ଅ ସୁଲାହ (ଶାନ୍ତି ଚୁକ୍ତି) ମଞ୍ଜୁର କରିସାରିଥିଲେ,ତେଣୁ ସେଇଥିପାଇଁ ଜିଣାଯାଇଥିବା ଇଲାକାଗୁଡ଼ିକରେ ମଧ୍ୟ ସୁଲାହର ସର୍ତାବଳୀକୁ ସ୍ୱୀକାର କରାଗଲା । ***(ତାରିଖେ ତିବରୀ ଭା-୦୨,ପୃ-୩୫୭-୩୫୮,ଦାରୁଲ କୁତୁବୁଲ ଅଲମିୟା ବେରୁତ ଲେବନାନ ୨୦୧୨) (ଅଲଫାରୁକ ଅଜ ଶିବଲୀ ନୁମାନୀ ପୃ-୧୦୬-୧୦୭,ପ୍ରକାଶିତ ଇଦାରାଃ ଇସଲାମୀୟାତ ୨୦୦୪)***

ଏଠାରେ ଏକଥା ସ୍ପଷ୍ଟ ହେବା ଉଚିତ ଯେ କେତେକ ଐତିହାସିକ ହଜରତ ଉମର ର ଅ ଙ୍କ ଖିଲାଫତ ସମୟରେ ଦମସ୍କ ବିଜୟ ହୋଇଥିଲା ବୋଲି ବର୍ଣ୍ଣନା କରିଛନ୍ତି କିନ୍ତୁ ଦମସ୍କର ଏହି ଯୁଦ୍ଧ ହଜରତ ଅବୁ ବକର ର ଅ ଙ୍କ ଖିଲାଫତ ସମୟରେ ଆରମ୍ଭ ହୋଇସାରିଥିଲା । ସେ ଯାହା ବି ହେଉ ତାହାକୁ ବିଜୟ କରିବାର ଖବର ଯେବେ ମଦିନା ପଠାଗଲା,ସେତେବେଳେ ହଜରତ ଅବୁ ବକର ର ଅଙ୍କ ଦେହାନ୍ତ ହୋଇସାରିଥିଲା । ଏହା ହଜରତ ଅବୁ ବକର ର ଅଙ୍କ ଖିଲାଫତ ସମୟର ଶେଷ ଯୁଦ୍ଧ ଥିଲା । ଆସନ୍ତାକୁ ଇନଶାଅଲ୍ଲାଃ ହଜରତ ଅବୁ ବକର ର ଅଙ୍କ ଜୀବନୀର ଅବଶିଷ୍ଟାଂଶ ଦିଗଗୁଡ଼ିକ ଉପରେ ଚର୍ଚ୍ଚା କରାଯିବ । ବର୍ତମାନ ମୁଁ କିଛି ମରହୁମୀନ (ମୃତକ) ମାନଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହିଁବି ।

ପ୍ରଥମ ବ୍ୟକ୍ତିଜଣକ ହେଉଛନ୍ତି ଶ୍ରୀମାନ ଉମର ଅବୁ ଅରକୁବ ସାହେବ । ସେ ଦକ୍ଷିଣ ପାଲେଷ୍ଟାଇନର ସଦର ଜମାତ (ସଭାପତି) ଥିଲେ । ଅଗଷ୍ଟ ମାସ ପନ୍ଦର ତାରିଖ ଦିନ ୭୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଗଲା। ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ*** ଉମର ଅବୁ ଅରକୁବ ସାହେବ ୨୦୧୦ ମସିହାରେ ଏମ ଟି ଏ ଅଲଅରବିୟା ଜରିଆରେ ଆମ ଜମାତ ବିଷୟରେ ଜାଣିଲେ । ଏ ସମ୍ବନ୍ଧରେ ସେ କହିଛନ୍ତି ଯେ ଯେବେ ମୁଁ ସର୍ବପ୍ରଥମେ ଏମ ଟି ଏ ଦେଖିଲି,ମତେ ଏପରି ଅନୁଭବ ହେଲା ଯେ ନିଶ୍ଚିତ ରୂପେ ଏହି ଲୋକମାନେ ହେଉଛନ୍ତି ଭଲ ଲୋକେ । ପୂନ୍ୟବନ୍ତ ଲୋକେ । ମୁଁ ଗୋଟିଏ ପଟେ ଇସଲାମ ଜଗତକୁ ହତ୍ୟା ,ଡକାୟତି,ଚୋରି ଏବଂ ପାରସ୍ପାରିକ ଘୃଣା ଭାବରେ ମାତି ରହିବାର ପାଉଥିଲି,ସେଠାରେ ଜମାତ ଅହେମଦୀୟାକୁ ସିଲା ରହମୀ ଅର୍ଥାତ ଦୟାଭାବର ଶିକ୍ଷା ଦେଉଅଛି । ପୁଣି ଜମାତ ଅହେମଦୀୟା ତହଜ୍ଜୁଦ ନମାଜ ପାଠ କରିବାକୁ ଏବଂ ପବିତ୍ର କୁରଆନ ଆବୃତି କରିବାକୁ ପ୍ରୋତ୍ସାହିତ କରୁଅଛି । ଏତଦ୍ୱାରା ମୁଁ ବହୁତ ପ୍ରଭାବିତ ହେଲି । ମୁଁ କହିଲି ଯେ ଏହା ହେଉଛି ପ୍ରକୃତ ଜମାତ । ଯାହାର ଅନୁସରଣ କରିବା ଆମ ପାଇଁ ଜରୁରୀ । ପୁଣି ଇସ୍ତେଖାରା କରିବା ପରେ ମୁଁ ନିଶ୍ଚିତ ହୋଇଗଲି । ପୁଣି ମୁଁ ସ୍ୱପ୍ନରେ ମଧ୍ୟ ଦେଖିଲି ଯେ ଏହା ହେଉଛି ପ୍ରକୃତ ଜମାତ । ପୁଣି ସେ କୁହନ୍ତି ଯେ ସେ ଶପଥ କଲେ ଯେ ମୁଁ ମରିବା ପର୍ଯ୍ୟନ୍ତ ଏହି ଜମାତରେ ରହିବି । ସେ ପ୍ରତ୍ୟେକ କଠିନ ପରିସ୍ଥିତିରେ ବହୁତ ଦୃଢତା ପ୍ରଦର୍ଶନ କରି ସ୍ଥିର ରହୁଥିଲେ । ସ୍ୱର୍ଗତ କୁହନ୍ତି ଯେ ଯେ ପର୍ଯ୍ୟନ୍ତ ମୁଁ ବଂଚିଛି ମୁଁ ନିଜ ପ୍ରତିଶୃତି ଉପରେ ମୋ ପ୍ରତିବଦ୍ଧତାରେ ସ୍ଥିର ରହିବି । ତାଙ୍କ ବୟତ ପରେ ତାଙ୍କର ପତ୍ନୀ ସ୍ୱପ୍ନ ଦେଖିଲେ ଯେ କିଛି ଅହେମଦୀ ଆସି ଶ୍ରୀମାନ ଉମର ସାହେବଙ୍କୁ ନିଜ ଘରର ଗୋଟିଏ କୋଠରିକୁ ନେଇଯାଉଛନ୍ତି । ସେମାନେ ତାଙ୍କୁ ଗାଧୋଇ ଦେଲେ ଏବଂ ତାଙ୍କ ଛାତିକୁ ଖୋଲି ଭଲ ଭାବରେ ସଫା କରିଦେଲେ । ତାପରେ ମତେ କହିଲେ ଯେ ଦେଖ ଆମେ ୟାଙ୍କୁ ଭଲ ଅବସ୍ଥାରେ ଫେରାଇ ଆଣିଛୁ । ଖିଲାଫତ ସହିତ ତାଙ୍କର ବହୁତ ଭଲପାଇବା ଥିଲା । ସେ ବହୁତ ଦୁଆଗୁ (ପ୍ରାର୍ଥନାକାରୀ) ବ୍ୟକ୍ତି ଥିଲେ । ସ୍ୱର୍ଗତ ଜମାତ ସହିତ ବହୁତ ଆନ୍ତରିକତା ରଖିଥିଲେ । ନିଜ ଘରର ଗୋଟିଏ ଅଂଶକୁ ,ଘରର ତଳ ମହଲାକୁ ଜମାତ ପାଇଁ ଉତ୍ସର୍ଗ କରିଦେଇଥିଲେ । ଜମାତ ଅହେମଦୀୟା ଦକ୍ଷିଣ ପାଲେଷ୍ଟାଇନର ଲୋକେ ସ୍ୱର୍ଗତଙ୍କ ଘରେ ନମାଜ ଜୁମା,ଇଦ ନମାଜ ଏବଂ ଜଲସା ଇତ୍ୟାଦି ଅନୁଷ୍ଠିତ କରିଆସୁଅଛି । ତାଙ୍କର ସୁପୁତ୍ର କହିଛନ୍ତି ଯେ ସ୍ୱର୍ଗତ ଏ ୱସିୟତ (ୱିଲ୍) କରିଛନ୍ତି ଯେ ଏହି ଅଂଶଟି ଜମାତ ପାଇଁ ଉତ୍ସର୍ଗୀକୃତ ହୋଇ ରହିବ । ତାଙ୍କ

ବିରୋଧିମାନେ ତାଙ୍କୁ ନିଜ ବେମାରି ସମୟରେ କହୁଥିଲେ ଯେ ଜମାତ ଅହେମଦୀୟାରୁ ତୌବାଃ କରିନିଅ । ଏହାଦ୍ୱାରା ତୁମର ରୋଗ ଭଲ ହୋଇଯିବ । କିନ୍ତୁ ସ୍ୱର୍ଗତ ତାହା ସତ୍ୱେ ମଧ୍ୟ ତାଙ୍କ ସହିତ ତବଲିଗି ମୁବାହିସାଃ (ଧର୍ମ ତର୍କ) କଲେ । ଜଣେ ବିରୋଧି ଯିଏ ଅଧିକା କିଛି ଆଗକୁ ବଢି ବିରୋଧ କରି ଅନେକ କଥା କହୁଥିଲା,ତା ସହିତ ମୁବାହିସାଃ (ଧର୍ମ ତର୍କ) କଲେ । ତାକୁ ଏପରି ନିରୁତର କରିଦେଲେ ଯେ ତାକୁ କୌଣସି ଉତର ମିଳିଲା ନାହିଁ । ଯେବେ ସେ ଅସୁସ୍ଥତାର ଦିନ କାଟୁଥିଲେ,ସେତେବେଳେ ରୋଗର ପାଦୁର୍ଭାବ ଯୋଗୁଁ ତା ପରଦିନ ମୃତକଙ୍କୁ ଆଇ ସି ୟୁ କୁ ପଠାଇ ଦିଆଗଲା । ମୁବାହିସାଃ ଦିନ ଗୁଡ଼ିକରେ ସ୍ୱର୍ଗତଙ୍କ ପୁତ୍ର ସେହି ମୁଲ୍ଲା ସେ କହିଲେ ଯେ ଅର୍ଥାତ ଯିଏ ବହୁତ ଭଡ ଭଡ ହେଉଥିଲା,ତାକୁ କହିଲେ ଯେ ମୋ ବାପାଙ୍କୁ ଛାଡ଼ିଦିଅ । ସେ ଅଭିଜ୍ଞ ଅଟନ୍ତି । ତେଣୁ ତୁମେ ତାଙ୍କୁ ମନେଇ ପାରିବ ନାହିଁ । ସେ ଯାହା ବି ହେଉ ତାଙ୍କ ପୁତ୍ର କୁହନ୍ତି ଯେ ମୋ ବାପା ରୋଗ ସଯ୍ୟାରେ ପଡ଼ି ମଧ୍ୟ ମତେ ଏ ଉପଦେଶ ଦେଉଥିଲେ ଯେ ମୋ ମୃତ୍ୟୁରେ ଦୁଃଖ କରିବ ନାହିଁ । ପୁଣି ହଜରତ ବିଲାଲ ର ଅ ଙ୍କର ଗୋଟିଏ କଥନ ବାରମ୍ବାର ଆବୃତି କରିଚାଲିଥିଲେ । ***ଗଦନ ଅଲକଲ ଅହିବବାଃ ମୁହମ୍ମଦନ ଓ୍ୱ ସହବହୁ*** ଅର୍ଥାତ ମୁଁ କାଲି ନିଜ ପ୍ରିୟ ଆକା ମୁହମ୍ମଦ ସ ଆ ସ ଏବଂ ସାହାବା ର ଅଙ୍କ ସହିତ ଭେଟିବି । ***(ଶରହ ଜରକାନୀ ଅଲଲ ମୁହାଇବ ଅଲଦୁନିୟା ,ଖ-୦୧, ପୃ-୪୯୯ ଇସଲାମ ହମଜାଃ, ଦାରୁଲ କୁତୁବୁଲ୍ ଅଲମିୟା ବେରୁତ ୧୯୯୬)***

ସ୍ୱର୍ଗତ ଅତ୍ୟନ୍ତ ଦୟାଳୁ ଏବଂ ସୁନ୍ଦର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସ୍ୱର୍ଗତଙ୍କର ପତ୍ନୀଙ୍କ ବ୍ୟତୀତ ତିନିଜଣ ପୁଅ ଏବଂ ଚାରିଜଣ ଝିଅ ଅଛନ୍ତି । ଅଲ୍ଲାଃତାଲା ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ଅହେମଦୀୟତ ଗ୍ରହଣ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେମାନେ ଏପର୍ଯ୍ୟନ୍ତ ଅହେମଦୀ ହୋଇନାହାନ୍ତି । ସେହିପରି ଅଲ୍ଲାଃତାଲା ସ୍ୱର୍ଗତଙ୍କ ସ୍ତରକୁ ବଢାଇ ଚାଲନ୍ତୁ । ତାଙ୍କ ସହିତ ଅଲ୍ଲାଃତାଲା ଦୟା ଏବଂ କ୍ଷମା ଆଚରଣ କରନ୍ତୁ ।

ଦ୍ୱିତୀୟ ବ୍ୟକ୍ତି (ମୃତକ) ଜଣକ ହେଉଛନ୍ତି ଶେଖ୍ ନାସିର ଅହେମଦ ସାହେବ,ମଠି ଥରପାର୍କର ନିବାସୀ । ସେ ଏବେ ବିଗତ ଦିନ ୯୩ ତେୟାନବେ ବର୍ଷ ବୟସରେ ମୃତ୍ୟୁ ବରଣ କଲେ । ***ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ*** । ସେ ମଠିର ସବୁଠାରୁ ପ୍ରଥମ ଅହେମଦୀ ଥିଲେ । ୧୯୬୯ ମସିହାରେ ସେ ଅହେମଦୀୟତ ଗ୍ରହଣ କରିଥିଲେ । ସେ ଜଣେ ଉତ୍ସାହୀ ଦାଇ ଇଲଲ୍ଲାଃ ଥିଲେ ଏବଂ ଧର୍ମ ପ୍ରତି ଆତ୍ମ ସ୍ୱାଭିମାନ ରଖିଥିବା ନିର୍ଭିକ ଅହେମଦୀ ଥିଲେ । ଦିନରେ ନିୟମିତ ପାଂଚ ବୋଳା ନମାଜ ପାଠ କରନ୍ତି, ଅତିଥି ପରାୟଣତା, ଖିଲାଫତ ସହିତ ଆନ୍ତରିକତା ପ୍ରେମଭାବ ଥିଲା ତାଙ୍କର ସ୍ୱତନ୍ତ୍ର ଗୁଣ । ତାଙ୍କୁ ମଠି ଏବଂ ତା ଆଖପାଖରେ ଅନେକ ଲୋକଙ୍କୁ ଅହେମଦୀ କରିବାର ସୌଭାଗ୍ୟ ମିଳିଛି । ମଠିର ପ୍ରଥମ ମସଜିଦ ତାଙ୍କ ଦ୍ୱାରା ଦାନ କରାଯାଇଥିବା ଜମିରେ ହିଁ ନିର୍ମାଣ କରାଯାଇଥିଲା । ନିଜ ପରିବାର ଏବଂ ସମ୍ପ୍ରଦାୟ ତରଫରୁ ତାଙ୍କୁ ବହୁତ ବିରୋଧର ସମ୍ମୁଖିନ ହେବାକୁ ପଡ଼ିଥିଲା । ବିଶେଷ ଭାବରେ ପିଲା ମାନଙ୍କ ବିବାହ ସମୟରେ ତାଙ୍କ ଜ୍ଞାତି କୁଟୁମ୍ବର ଲୋକମାନେ ତାଙ୍କୁ ନିଜ କୁଟୁମ୍ବ ବାହାରେ ଅହେମଦୀମାନଙ୍କ ସହିତ ବନ୍ଧୁ ନବାନ୍ଧିବାକୁ ବହୁତ ଚାପ ପକାଇଲେ । ତାଙ୍କୁ ବାଇକାଟ କଲେ । ସେମାନେ ତାଙ୍କ ପିଲାମାନଙ୍କ ବିବାହରେ ସାମିଲ ବି ହେଲେ ନାହିଁ । କିନ୍ତୁ ଅଲ୍ଲାଃତାଲାଙ୍କ କୃପା ଏବଂ ଅନୁଗ୍ରହରୁ ସେ ଏପରି ବିରୋଧ ହେବା ସତ୍ୱେ ମଧ୍ୟ ନିଜର ସମସ୍ତ ପିଲା ମାନଙ୍କର ବିବାହ ଅହେମଦୀ ପରିବାରରେ କଲେ । ସେ ନିଜର ପିଲାମାନଙ୍କର ତରବିୟତ (ତାଲିମ ଏବଂ ପ୍ରଶିକ୍ଷଣ) ପ୍ରତି ବିଶେଷ ଧ୍ୟାନ ଦେଇଛନ୍ତି । ସମସ୍ତଙ୍କୁ ପବିତ୍ର କୁରଆନ ପଢ଼ାଇଛନ୍ତି । ନମାଜକୁ ବାଧ୍ୟତାମୂଳକ କରିଥିଲେ । ନିଜର ପତ୍ନୀ ଯିଏ ପ୍ରଥମେ ହିନ୍ଦୁ ଥିଲେ,ତାଙ୍କୁ ତାଙ୍କ ପାରମ୍ପାରିକ ପୋଷାକରୁ ରହିତ କରି ବୁର୍ଖା ପିନ୍ଧାଇଥିଲେ । ହଜରତ ଖଲିଫତୁଲ ମସିହ ରାବେ ରହେମହୁଲ୍ଲାଃ ତାଲା ଥରେ ତାଙ୍କର ପ୍ରଶଂସାରେ କହିଥିଲେ ଯେ "ଯଦି ପ୍ରତ୍ୟେକ ସେଂଟରରେ ଆମେ ଜଣେ ଲେଖା ନାସିର ସୃଷ୍ଟି କରିଦେବା ତାହେଲେ ଆମେ ନିଶ୍ଚିତ ରୂପେ ସଫଳ ହୋଇଯିବା'' ତାଙ୍କ ପରିବାରରେ ଦୁଇଜଣ ପୁତ୍ର ଏବଂ ଚାରିଜଣ ଝିଅ ସାମିଲ ଅଛନ୍ତି । ସେମାନଙ୍କର କେତେକ ପିଲା ମଧ୍ୟ ଓ୍ୱାକିଫେ ଜିନ୍ଦେଗୀ ଅଛନ୍ତି । ଧର୍ମ ସେବା କରୁଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ସ୍ତରକୁ ବୃଦ୍ଧି କରନ୍ତୁ ।

ତୃତୀୟ ବ୍ୟକ୍ତି (ମୃତକ) ଜଣକ ହେଉଛନ୍ତି ମଲକ ସୁଲତାନ ଅହେମଦ ସାହେବ ପୂର୍ବତନ ମୁଅଲ୍ଲିମ ସାହେବ ଓ୍ୱକଫେ ଜଦିଦ । ତାଙ୍କର ବିଗତ ଦିନ ୮୪ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ***ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ*** । ୧୯୩୮ ମସିହାରେ ପକା ନିସଓ୍ୱାନା ଜିଲ୍ଲା ଝଙ୍ଗରେ ତାଙ୍କର ଜନ୍ମ ହୋଇଥିଲା । ସେ ଜନ୍ମଗତ ଅହେମଦୀ ଥିଲୋ ତାଙ୍କ ବଂଶରେ ତାଙ୍କ ବାପା ଶ୍ରୀମାନ ସଜାଦାଃ ସାହେବ ଅଲମାରୁଫ ଶହଜାଦାଃଙ୍କ ଜରିଆରେ ଆସିଥିଲା । ସେ ହଜରତ ମୁସଲେହ ମଉଦ ର ଅ ଙ୍କ ସମୟରେ ନିଜେ କାଦିଆନ ଯାଇ ବୟତ କରିଥିଲେ । ସେ ମିଡ଼ିଲ କ୍ଲାସ ପର୍ଯ୍ୟନ୍ତ ଶିକ୍ଷା ଆହରଣ କରିବା ପରେ ୧୯୬୦ ମସିହାରେ ଓ୍ୱକଫେ ଜଦିଦ ଅନ୍ତର୍ଗତ ସେବାକାର୍ଯ୍ୟ କରିବା ପାଇଁ ଦରଖାସ୍ତ ଦେଲେ । ତାଙ୍କ ଆବେଦନକୁ ଗ୍ରହଣ କରାଗଲା । ପୁଣି ହଜରତ ଖଲିଫତୁଲ ମସିହ ରାବେ ରହେମହୁଲ୍ଲାଃ ତାଲା ଯେବେ ଓ୍ୱକଫେ ଜଦିଦର ଇନଚାର୍ଜ ଥିଲେ,ସେ ତାଙ୍କ ପ୍ରଶିକ୍ଷଣରେ ତରବିୟତ ହାସଲ କରିବାର ସୌଭାଗ୍ୟ ପାଇଥିଲେ । ୧୯୬୦ ମସିହାରେ ତାଙ୍କର ଜଣେ ମୁଅଲ୍ଲିମ ଭାବରେ ନିଯୁକ୍ତି ହେଲା । ଥରପାର୍କର ଇଲାକାକୁ ତାଙ୍କୁ ପଠାଗଲା । ସେ ସେଠାରେ ବହୁତ ଭଲ କାମ କରିଛନ୍ତି। ପୁଣି ପାକିସ୍ତାନର ଅନ୍ୟାନ୍ୟ ଅଂଚଳରେ ମଧ୍ୟ କାମ କରିଛନ୍ତି । ତାଙ୍କ ସେବାକାର୍ଯ୍ୟର ଅବଧି ୩୮ ବର୍ଷରୁ ଅଧିକା । ସେ ନିଜର କର୍ତବ୍ୟକୁ ବହୁତ ସୁନ୍ଦର ଭାବରେ ସମ୍ପାଦନ କରୁଥିଲେ । ତବଲିଗ କାମ ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା । ସେଇଥିପାଇଁ ୧୯୬୮ ମସିହାରେ ତାଙ୍କ ଉପରେ ମରଣାତ୍ମକ ଆକ୍ରମଣ ହୋଇଥିଲା । ସତ୍ୟତା,ବନ୍ଧୁତା,ଆତିଥ୍ୟତା ଏବଂ ପ୍ରସନ୍ନତା ତାଙ୍କର ବିଶେଷ ଗୁଣ ଥିଲା । ତହଜ୍ଜୁଦ ନମାଜ ପାଠକରିବା,ବାଜମାଅତ ନମାଜ ପାଠ କରିବା ଏବଂ ନିତ୍ୟ ଦୁଆ (ପ୍ରର୍ଥନା) କରିବା ତାଙ୍କର ଅଭ୍ୟାସ ଥିଲା । ମୃତ୍ୟୁ ପର୍ଯ୍ୟନ୍ତ ନିଜାମେ ଖିଲାଫତ (ଖିଲାଫତ ବ୍ୟବସ୍ଥା) ସହିତ ବିଶ୍ୱସ୍ତ ରହିଥିଲେ ଏବଂ ନିଜ ସନ୍ତାନମାନଙ୍କୁ ମଧ୍ୟ ସେହିପରି ଭକ୍ତିଭାବ ଏବଂ ନିଷ୍ଠାଭାବ ରଖିବାକୁ ପ୍ରୋତ୍ସାହିତ କରୁଥିଲେ । ତାଙ୍କ ପରିବାରରେ ତାଙ୍କ ପତ୍ନୀଙ୍କ ବ୍ୟତୀତ ତିନି ଜଣ ପୁଅ ଏବଂ ଦୁଇଜଣ ଝିଅ ସାମିଲ ଅଛନ୍ତି । ଅଲ୍ଲାଃତାଲା ତାଙ୍କ ଦୋଷ ମାର୍ଜନ କରନ୍ତୁ ଏବଂ ତାଙ୍କ ଉପରେ ଦୟା କରନ୍ତୁ । ତାଙ୍କ ପଦବୀ /ସ୍ତରକୁ ଉଚ୍ଚରୁ ଉଚ୍ଚତର କରିଚାଲନ୍ତୁ ।

ପରବର୍ତୀ ମରହୁମ (ମୃତକ) ଜଣକ ହେଉଛନ୍ତି ଶ୍ରୀମାନ ମହବୁବ ଅହେମଦ ରାଜିକୀ ସାହେବ । ସେ ସାଆଦୁଲ୍ଲାଃପୁର ଜିଲ୍ଲା ମଣ୍ଡି ବାହାଉଦ୍ଦୀନର ନିବାସୀ ଥିଲେ । ସେ ମଧ୍ୟ ବିଗତ ଦିନ ୮୬ ବର୍ଷ ବୟସରେ ଦେହତ୍ୟାଗ କରିଛନ୍ତି । ***ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ*** । ସେ ମୁସି ଥିଲେ । ତାଙ୍କ ପରିବାରରେ ତାଙ୍କର ଦୁଇଜଣ ପୁଅ ଏବଂ ଜଣେ ଝିଅ ସାମିଲ ଅଛନ୍ତି । ତାଙ୍କର ଜଣେ ପୁଅ ବାହାରେ ଜର୍ମାନୀରେ ଅଛନ୍ତି । ଆଉ କିଛି ଲାହୋରରେ ରୁହନ୍ତି । ମରହୁମ (ସ୍ୱର୍ଗତ) ହଜରତ ମସିହ ମଉଦ ଆ ସଙ୍କ ସାହାବି ହଜରତ ଗୁଲାମ ଅଲୀ ସାହେବ ରାଜିକୀ ର ଅଙ୍କ ସୁପୁତ୍ର ଥିଲେ ଏବଂ ହଜରତ ମୌଲଓ୍ୱି ଗୁଲାମ ରସୁଲ ସାହେବ ରାଜିକୀ ର ଅଙ୍କ ପୁତୁରା ଥିଲେ ଏବଂ ହଜରତ ମୌଲଓ୍ୱି ଗୌସ ମୁହମ୍ମଦ ସାହେବ ର ଅଙ୍କ ନାତି ଥିଲେ ।

ତାଙ୍କ ପୁତ୍ର ମବରୁର ସାହେବ ବର୍ଣ୍ଣନା କରିଛନ୍ତି ଯେ : ତାଙ୍କୁ ସଦର ଜମାତ ସାଆଦୁଲ୍ଲାଃପୁରର ସଦର ଭାବରେ ୩୭ ବର୍ଷ ସେବା କରିବାର ସୁଯୋଗ ମିଳିଛି । ସେ ବହୁତ ପ୍ରାର୍ଥନାକାରୀ, ହଜରତ ମୁହମ୍ମଦ ସ ଆ ସ ଏବଂ ହଜରତ ମସିହ ମଉଦ ଆ ସ ଙ୍କର ଜଣେ ସଚ୍ଚା ଭକ୍ତ ଥିଲେ । ଖିଲାଫତ ସହିତ ତାଙ୍କୁ ଗଭୀର ଅନୁରାଗ ଥିଲା । ନିର୍ଭିକ ଏବଂ ବାହାଦୁର ଖାଦିମେ ସିଲସିଲା (ଏହି ଜମାତର ସେବକ) ଥିଲେ । ତିନି ଥର ତାଙ୍କୁ ଅସିରାନେ ରାହେ ମୌଲା (ଅର୍ଥାତ ଅଲ୍ଲାଃଙ୍କ ମାର୍ଗରେ ଜେଲ ଦଣ୍ଡ ଭୋଗିବା)ର ସୌଭାଗ୍ୟ ପ୍ରାପ୍ତ ହୋଇଛି । ପାଂଚ ବେଳା ନମାଜ ପଢିବା ପ୍ରତି ପ୍ରତିବଦ୍ଧ ହେବା ସହିତ ନିୟମିତ ଲମ୍ବା ତହଜ୍ଜୁଦ ନମାଜ ପାଠକାରି ବ୍ୟକ୍ତି ଥିଲେ । ଅସଂଖ୍ୟ ଅବସରରେ ଈଶ୍ୱର ତାଙ୍କ ପ୍ରାର୍ଥନାକୁ ଯଥା ଶୀଘ୍ର କୁବୁଲ (ଗ୍ରହଣୀୟତା) ପ୍ରଦାନ କରିଛନ୍ତି । ସେ ସଚ୍ଚା ସ୍ୱପ୍ନ ଏବଂ ସଚ୍ଚା କୁଶୁଫ୍ (ଅର୍ଥାତ ଜାଗ୍ରତ ଅବସ୍ଥାରେ ଅଦୃଶ୍ୟର ଦୃଶକୁ ଅବଲୋକନ କରିବା) ର ଅଧିକାରୀ ଥିଲେ । ବନ୍ଦୀ ଅବସ୍ଥାରେ ମଧ୍ୟ ତାଙ୍କୁ ଅନେକ ଥର ସ୍ୱପ୍ନ ହୋଇଥିଲା ଯେ ଅମକ ଦିନ ତୁମକୁ ଜେଲରୁ ମୁକ୍ତ କରାଯିବ ବା ଅମୁକ ସମୟରେ ଏହି ଘଟଣା ଘଟିଯିବ । ସୁତରାଂ ଠିକ ସେହିପରି ହିଁ ହେଉଥିଲା । ଦିନ ସମୟରେ ଅଧିକାଂଶ ସମୟ ଦରୁଦ ଶରିଫ୍ ପାଠ କରୁଥିଲେ ଏବଂ ଦୁଆ କରିବାରେ ଲାଗି ରହୁଥିଲେ । ବରଂ ଜଣେ ଲୋକ ଏପରି ଲେଖିଛନ୍ତି ଯେ ଦିନେ ସେ ଫଜର ନମାଜ ପାଠ କରିବାକୁ ଆସିଲେ । ସେ ତାଙ୍କ ଶରୀରରେ ଯେବେ ହାତ ଲଗାଇଲେ, ଦେଖିଲେ ଯେ ତାଙ୍କୁ ଭିଷଣ ଜ୍ୱର ହୋଇଛି । ଏହା ସତ୍ୱେ ବି ସେ ବାଜମାଅତ ନମାଜ ପାଠ କରିବା ପାଇଁ ଚାଲି ଆସିଥିଲେ । ଏମ ଟି ଏ ସହିତ ସମ୍ପର୍କ ତଥା ଖିଲାଫତ ସହିତ ତାଙ୍କର ପ୍ରେମଭାବ ଏତେ ମାତ୍ରାରେ ଥିଲା ଯେ ତାଙ୍କୁ ଉଚ୍ଚା ଶୁଭୁଥିଲେ ମଧ୍ୟ ଖୁତବା ଚାଲିଥିବା ସମୟରେ ଟି ଭି ସାମନାରେ ବସି ହଜୁରଙ୍କ ଖୁତବା ଜୁମା ନିଶ୍ଚିତ ଭାବରେ ଶୁଣିବା ପାଇଁ ଚେଷ୍ଟା କରୁଥିଲେ । ତାଙ୍କର ଦେହାନ୍ତ ପରେ ଆଖପାଖ ଗ୍ରାମର ଗୈର ଅହେମଦୀ (ଅଣ ଅହେମଦୀ) ମାନେ ବହୁ ସଂଖ୍ୟାରେ ଆସିଥିଲେ । ବରଂ ପ୍ରଥମେ ବି ଆସୁଥିଲେ । ତାଙ୍କ ଉପରେ ସେମାନଙ୍କର ବହୁତ ବିଶ୍ୱାସ ଥିଲା । ସେମାନେ ତାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରାଉଥିଲେ । ତାଙ୍କ ମୃତ୍ୟୁ ପରେ ସେମାନେ ଦୁଃଖ ଏବଂ ଶୋକ ପ୍ରକାଶ କରିବା ପାଇଁ ଆସିଥିଲେ । ସେମାନେ କହୁଥିଲେ ଯେ ଯଦି ଇଏ ଅହେମଦୀ ନ ହୋଇଥାନ୍ତେ, ତାହେଲେ ଶହ ଶହ ହଜାର ହଜାର ସଂଖ୍ୟାରେ ତାଙ୍କର ମୁରିଦ (ଅନୁଗାମୀ) ଥାଆନ୍ତେ । ତାଙ୍କ ପ୍ରାର୍ଥନା ଗ୍ରହଣୀୟ ହେବାର ଅନେକ ଗୈର ଅହେମଦୀ (ଅଣ ଅହେମଦୀ) ମାନେ ମଧ୍ୟ ଘଟଣାମାନ ବର୍ଣ୍ଣନା କରିଛନ୍ତି ଏବଂ ଉଦାହରଣ ଦେଇଛନ୍ତି ।

ଅଲ୍ଲାଃତାଲା ତାଙ୍କ ସହିତ କ୍ଷମା ଓ ଦୟା ଆଚରଣ କରନ୍ତୁ । ତାଙ୍କର ସ୍ତର ବୃଦ୍ଧି କରନ୍ତୁ । ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ପୁଣ୍ୟକାର୍ଯ୍ୟକୁ ଜାରି ରଖିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ।

ଇନଶାଅଲ୍ଲାଃ ନମାଜ ପାଠ କରିବା ପରେ ମୁଁ ଏ ସମସ୍ତଙ୍କର ନମାଜ ଜନାଯାଃ ପାଠ କରିବି ।

⌘⌘⌘⌘⌘⌘⌘⌘⌘⌘

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ'' *(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

# : ଖୁତ୍‌ବା ଜୁମା :

**ହଜରତ ଅବୁ ବକର ର ଅଙ୍କର ତେର ହିଜରୀ ବାଇଶି ଜମାଦିଲ ସାନି ମଙ୍ଗଳବାର ଦିନ ସନ୍ଧ୍ୟାରେ ଷାଠିଏ ବର୍ଷ ବୟସରେ ଦେହାନ୍ତ ହୋଇଥିଲା । ତାଙ୍କ ଖିଲାଫତର ସମୟକାଳ ଦୁଇ ବର୍ଷ ତିନିମାସ ଦଶ ଦିନ ଥିଲା । ......ହଜରତ ଉମର ର ଅ ରସୁଲୁଲ୍ଲାଃ ସ ଆ ସଙ୍କ କବର ଏବଂ ତାହାଙ୍କ ମେମ୍ବର ମଝିରେ ହଜରତ ଅବୁ ବକର ର ଅଙ୍କର ଜନାଯାଃ ନମାଜ ପଢାଇଲେ ଏବଂ ରାତି ସମୟରେ ସେହି କୋଠରୀରେ ରସୁଲୁଲ୍ଲାଃ ସ ଆ ସଙ୍କ କବର ପାଖରେ ତାଙ୍କୁ କବର ଦିଆଗଲା,ତାଙ୍କର ମୁଣ୍ଡକୁ ରସୁଲୁଲ୍ଲାଃ ସ ଆ ସଙ୍କ କାନ୍ଧ ସମାନ ରଖାଗଲା ।**

## ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଦିକେ ଅକବର୍,ହଜରତ୍ ଅବୁ ବକର୍ ର ଅ ଙ୍କ ସୁଗୁଣାବଳୀର ବର୍ଣ୍ଣନା

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ୍ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ: ୦୯ ସେପ୍ଟେମ୍ବର ୨୦୨୨ ଅନୁଯାୟୀ ୦୯ ତବୁକ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଜୀବନୀର କିଛି ଘଟଣା ବିଷୟରେ ମୁଁ ଆଜି ବର୍ଣ୍ଣନା କରିବି । ଯେବେ ହଜରତ ଅବୁ ବକର ର ଅଙ୍କର ଦେହାନ୍ତ ସମୟ ନିକଟତର ହେଲା,ସେତେବେଳେ ସେ ହଜରତ ଅବ୍ଦୁର ରହମାନ ବିନ ଔଫ୍ ର ଅଙ୍କୁ ଡ଼କାଇପଠାଇଲେ ଏବଂ କହିଲେ ଯେ ମତେ ହଜରତ ଉମର ର ଅଙ୍କ ବିଷୟରେ ବତାଅ । ଏଥିରେ ହଜରତ ଅବ୍ଦୁର ରହମାନ ବିନ ଔଫ୍ ର ଅ କହିଲେ ହେ ଅଲ୍ଲାଃଙ୍କ ରସୁଲଙ୍କ ଖଲିଫା ! ଅଲ୍ଲାଃଙ୍କ ରାଣ ହଜରତ ଉମର ର ଅ ଙ୍କ ବିଷୟରେ ଆପଣ ଯାହା ଭାବୁଛନ୍ତି,ସେ ତାଠାରୁ ବି ଶ୍ରେଷ୍ଠ । କେବଳ ଏତିକି ଯେ ତାଙ୍କ ସ୍ୱଭାବରେ କଠୋରତା ରହିଛି । ହଜରତ ଅବୁ ବକର ସିଦ୍ଦିକ ର ଅ କହିଲେ ଯେ ଏହି କଠୋରତା ଏଇଥିପାଇଁ ରହିଛି ଯେ ସେ ମୋଠାରେ ନମ୍ରତା / କୋମଳତାର ଗୁଣକୁ ଦେଖୁଛନ୍ତି । ଯଦି ଇମାରତ ତାଙ୍କଠାରେ ନ୍ୟସ୍ତ କରାଯାଏ ତାହେଲେ ସେ ନିଜ ଭିତରେ ଥିବା ଅନେକ କଥାକୁ ପରିତ୍ୟାଗ କରିଦେବେ । କାରଣ ମୁଁ ତାଙ୍କୁ ଦେଖିଛି ଯେ ମୁଁ ଯେବେ କାହା ପ୍ରତି କଠୋର ହେଉଥିଲି,ସେ ମତେ ସେହି ଲୋକ ଉପରେ ସନ୍ତୁଷ୍ଟ ହେବା ପାଇଁ ଚେଷ୍ଟା କରୁଥିଲେ ଏବଂ ଯେତେବେଳେ ମୁଁ କାହା ପ୍ରତି ନମ୍ର ବ୍ୟବହାର କରୁଥିଲି,ସେତେବେଳେ ସେ ତାହା ପ୍ରତି କଠୋର ହେବା ପାଇଁ କହୁଥିଲେ । ତାପରେ ହଜରତ ଅବୁ ବକର ସିଦ୍ଦିକ ର ଅ ହଜରତ ଉସମାନ ବିନ ଅଫାନ ର ଅଙ୍କୁ ଡ଼କାଇ ତାଙ୍କୁ ହଜରତ ଉମର ର ଅଙ୍କ ବିଷୟରେ ପଚାରିଲେ । ହଜରତ ଉସମାନ ବିନ ଅଫାନ ର ଅ କହିଲେ ଯେ ତାଙ୍କର ଅନ୍ତର ତାଙ୍କ ବାହ୍ୟଠାରୁ ବି ଉତମ ଏବଂ ତାଙ୍କ ପରି ଆମ ମଧ୍ୟରେ କେହି ନାହାନ୍ତି । ଏଥିରେ ହଜରତ ଅବୁ ବକର ସିଦ୍ଦିକ ର ଅ ସେହି ଦୁଇଜଣ ସାହାବିଙ୍କୁ କହିଲେ ଯେ,ମୁଁ ତୁମ ଦୁହିଁଙ୍କୁ ଯାହା କିଛି କହିଲି,ଏ ବିଷୟରେ ତୁମେ ଅନ୍ୟ କାହାକୁ କିଛି କହିବ ନାହିଁ । ପୁଣି ହଜରତ ଅବୁ ବକର ସିଦ୍ଦିକ ର ଅ କହିଲେ ଯେ ଯଦି ମୁଁ ହଜରତ ଉମର ର ଅଙ୍କୁ ଛାଡୁଛି ତାହେଲେ ମୁଁ ଉସମାନଠାରୁ ଆଗକୁ ଯାଉନାହିଁ । ଏବଂ ତାଙ୍କୁ ଏ ଅକ୍ତିଆର ରହିବ ଯେ ସେ ତୁମ ବିଷୟରେ କୌଣସି ପ୍ରକାରର ଅଭାବ ରଖିବେ ନାହିଁ । ଏବେ ମୋର ଏ ଆନ୍ତରିକ ଇଚ୍ଛା ଯେ ମୁଁ ତୁମ ମାମଲାରୁ ଅଲଗା ହୋଇ ତୁମ ପୂର୍ବ ପୁରୁଷମାନଙ୍କ ମଧ୍ୟରେ ଗଣା ହୋଇଯାଏ । ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଅସୁସ୍ଥତା ଥିବା ସମୟରେ ହଜରତ ତଲହା ବିନ ଅବ୍ଦୁଲ୍ଲାଃ ର ଅ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ନିକଟକୁ ଆସି କହିଲେ ଯେ ଆପଣ ହଜରତ ଉମର ର ଅଙ୍କୁ ଲୋକମାନଙ୍କ ଖଲିଫା କରିଛନ୍ତି । ଯେବେକି ଆପଣ ଏହା ଦେଖୁଛନ୍ତି ଯେ ସେ ଆପଣଙ୍କ ଉପସ୍ଥିତିରେ ଲୋକମାନଙ୍କ ସହିତ କିପରି ବ୍ୟବହାର କରୁଛନ୍ତି । ସେତେବେଳେ ତାଙ୍କର ଅବସ୍ଥା କଣ ହେବା ଯେତେବେଳେ ସେ ଏକାକୀ ଥିବେ ଏବଂ ଆପଣ ନିଜ ପାଳନାକର୍ତାଙ୍କ ସହିତ ସାକ୍ଷାତ କରୁଥିବେ । ସେତେବେଳେ ଅଲ୍ଲାଃତାଲା ଆପଣଙ୍କୁ ତା ପ୍ରଜାମାନଙ୍କ ବିଷୟରେ ପଚାରିବେ । ଏହି ସମୟରେ ହଜରତ ଅବୁ ବକର ସିଦ୍ଦିକ ର ଅ ଶୋଇଥିଲେ । ଆପଣ ର ଅ କହିଲେ ମତେ ବସାଇ ଦିଅ । ଯେବେ ତାଙ୍କୁ ବସାଇ ଦିଆଗଲା ଏବଂ ସେ ସାହାରା ନେଇ ବସିଲେ । କହିଲେ : କ'ଣ ତୁମେ ମତେ ଅଲ୍ଲାଃଙ୍କ ଭୟ ଦେଖାଉଛ ? ଯେବେ ମୁଁ ମୋ ପ୍ରଭୂଙ୍କ ସହିତ ଭେଟ କରିବି ଏବଂ ସେ ମୋତେ ପଚାରିବେ,ସେତେବେଳେ ମୁଁ ଉତର ଦେବି ଯେ ମୁଁ ତୁମର ଭକ୍ତମାନଙ୍କ ମଧ୍ୟରେ ସର୍ବୋତମ ବ୍ୟକ୍ତିଙ୍କୁ ତୁମ୍ଭ ଭକ୍ତମାନଙ୍କ ଉପରେ ଖଲିଫା କରିଆସିଛି ।

***(ଅଲକାମିଲ ଫିତ ତାରିଖ ଲେଇବନେ ଅସୀର ,ଖ-୦୨,ପୃ-୨୭୨-୨୭୩,ଦାରୁଲ କୁତୁବୁଲ ଅଲମିୟା ବେରୁତ ଲେବନାନ୍ ୨୦୦୩ )***

ହଜରତ ମୁସଲେହ ମଉଦ ର ଅ ଏ ସମ୍ବନ୍ଧରେ ଇତିହାସର ପୁସ୍ତକଗୁଡ଼ିକ ସନ୍ଦର୍ଭରେ ବର୍ଣ୍ଣନା କରିଛନ୍ତି ଯେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଦେହାନ୍ତର ସମୟ ଯେବେ ପାଖେଇ ଆସିଲା,ସେ ସାହାବାମାନଙ୍କଠାରୁ ପରାମର୍ଶ ନେଲେ ଯେ ମୁଁ କାହାକୁ ଖଲିଫା ଭାବରେ ନିଯୁକ୍ତ କରିବି ? ଅଧିକାଂଶ ସାହାବା ହଜରତ ଉମର ର ଅଙ୍କୁ ଖଲିଫା ବନାଇବା ପାଇଁ ନିଜର ମତ ପୋଷଣ କଲେ । କେତେକ ସାହାବା କେବଳ ଏ ଅଭିଯୋଗ କଲେ ଯେ ହଜରତ ଉମର ର ଅ ଙ୍କ ସ୍ୱଭାବରେ ଅଧିକା କଠୋରତା ରହିଛି । ଏମିତି ନହେଉ କି ସେ ଲୋକମାନଙ୍କ ଉପରେ ହିଂସା କରିବସନ୍ତୁ । ଏଥିରେ ହଜରତ ଅବୁ ବକର ସିଦ୍ଦିକ ର ଅ କହିଲେ ଯେ ଏହି କଠୋରତା ସେ ପର୍ଯ୍ୟନ୍ତ ଥିଲା ଯେପର୍ଯ୍ୟନ୍ତ ତାଙ୍କ ଉପରେ କୌଣସି ଦାୟିତ୍ୱ ନଥିଲା । ଏବେ ଯେହେତୁ ଗୋଟିଏ ଦାୟିତ୍ୱ ତାଙ୍କଠାରେ ନ୍ୟସ୍ତ କରାଯିବ ତେଣୁ ତାଙ୍କର କଠୋର ସ୍ୱଭାବ ସୁଧୁରି ବାଲାଂସ ହୋଇଯିବ । ସୁତରାଂ ସମସ୍ତ ସାହବା ହଜରତ ଉମର ର ଅଙ୍କ ଖିଲାଫତ ଉପରେ ସହମତ ହେଲେ । ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ସ୍ୱାସ୍ଥ୍ୟ ଯେହେତୁ ବହୁତ ଖରାପ ଥିଲା,ତେଣୁ ହଜରତ ଅବୁ ବକର ସିଦ୍ଦିକ ର ଅ ନିଜ ପତ୍ନୀ ଅସମାଅଙ୍କ ସାହାଯ୍ୟ ନେଲେ । ତାଙ୍କର ଗୋଡ଼ ଦୁଇଟି ଚାଲିବା ପାଇଁ ସଂଘର୍ଷ କରୁଥିଲା ଏବଂ ତାଙ୍କ ହାତ ଦୁଇଟି କମ୍ପନ କରୁଥିଲା । ଏହିପରି ଅବସ୍ଥାରେ ହଜରତ ଅବୁ ବକର ସିଦ୍ଦିକ ର ଅ ମସଜିଦ ଆସିଲେ ଏବଂ ସେଠାରେ ଉପସ୍ଥିତ ସମସ୍ତ ମୁସଲମାନମାନଙ୍କୁ ସମ୍ବୋଧନ କରି କହିଲେ ଯେ ମୁଁ ବହୁତ ଦିନ ପର୍ଯ୍ୟନ୍ତ ଏ ବିଷୟରେ ଚିନ୍ତା କରୁଥିଲି ଯେ ଯଦି ମୁଁ ମରିଯାଏ ତାହେଲେ ତୁମମାନଙ୍କର ଖଲିଫା କିଏ ହେବ ? ଶେଷରେ ବହୁ ବିଚାର ଏବଂ ପ୍ରର୍ଥନା କରିବ ପରେ ମୁଁ ଉଚିତ ମଣିଲି ଯେ ଉମର ର ଅଙ୍କୁ ଖଲିଫା ଭାବରେ ମନୋନୀତ କରାଯିବା ଉଚିତ । ତେଣୁ ମୋ ଦେହାନ୍ତ ପରେ ଉମର ତୁମର ଖଲିଫା ହେବେ ।

ସମସ୍ତ ସାହାବା ର ଅ ଏବଂ ଅନ୍ୟ ଲୋକମାନେ ବି ଏହି ଇମାରତ (ଖିଲାଫତ) କୁ ସ୍ୱୀକାର କରିନେଲେ ଏବଂ ହଜରତ ଅବୁ ବକର ସିଦ୍ଦିକ ର ଅ ଙ୍କ ଦେହାନ୍ତ ପରେ ହଜରତ ଉମର ର ଅଙ୍କ ବୟତ ହୋଇଗଲା ।

***(ଖିଲାଫତେ ରାଶଦାଃ, ଅନୱାରୁଲ ଉଲୁମ,ଖ-୧୫,ପୃ-୪୮୩-୪୮୪)***

ପୁଣି ଏ ପ୍ରସଙ୍ଗରେ ଆଉ ଏକ ସ୍ଥାନରେ ଏହି ଆପତି ଅଭିଯୋଗର ଉତର ଦେଇଛନ୍ତି ଯେ ନାମଜଦ(ପ୍ରାଥି ମୋନନୀତ)କାହିଁକି କରାଯାଇଥିଲା ? ଏ ବିଷୟରେ ହଜରତ ମୁସଲେହ ମଉଦ ର ଅ କହିଛନ୍ତି ଯେ "ଯଦି କୁହାଯାଏ ଯେ ଯଦି କୌମ (ଜାତିର ଲୋକମାନଙ୍କ) ଚୟନ ଦ୍ୱାରା ହିଁ ଜଣେ ଖଲିଫା ହୋଇପାରୁଛି ତାହେଲେ ହଜରତ ଅବୁ ବକର ର ଅ ହଜରତ ଉମର ର ଅଙ୍କୁ କାହିଁକି ନାମଜଦ କଲେ । ଏହାର ଉତର ହେଉଛି ଏହା କି ହଜରତ

ଅବୁ ବକର ର ଅ ଏମିତି ନାମଜଦ କରିନାହାଁନ୍ତି ବରଂ ପ୍ରଥମେ ସାହାବାମାନଙ୍କଠାରୁ ସେ ପରାମର୍ଶ ନେଇଥିବାର ପ୍ରମାଣ ରହିଛି । କେବଳ ପାର୍ଥକ୍ୟ ଏତିକି ଯେ ଅନ୍ୟ ଖଲିଫାମାନଙ୍କୁ ଖଲିଫାଙ୍କ ମୃତ୍ୟୁ ପରେ ଚୟନ କରାଯାଇଥିଲା । କିନ୍ତୁ ହଜରତ ଉମର ର ଅଙ୍କୁ ହଜରତ ଅବୁ ବକର ର ଅଙ୍କ ଉପସ୍ଥିତିରେ ଚୟନ କରାଯାଇଥିଲା । ପୁଣି ହଜରତ ଅବୁ ବକର ର ଅ ଏତିକିରେ ରହିଯାଇନାହାନ୍ତି । ଏହାକୁ ଯଥେଷ୍ଟ ମଣିନାହାନ୍ତି ଯେ ସାହାବା ର ଅ ଙ୍କ ସହିତି ପରାମର୍ଶ ନେବା ପରେ ସେ ହଜରତ ଉମର ର ଅଙ୍କୁ ଚୟନ କରାଯିବା ବିଷୟ ଘୋଷଣା କରିଦେଇଥିଲେ, ବରଂ ନିଜର ଗୁରୁତର ଅସୁସ୍ଥତା ଏବଂ ଦୁର୍ବଳତା ସତ୍ୱେ ମଧ୍ୟ ସେ ନିଜ ପତ୍ନୀଙ୍କ ସାହାଯ୍ୟ ନେଇ ମସଜିଦରେ ପହଂଚିଛନ୍ତି ଏବଂ ଲୋକମାନଙ୍କୁ କହିଛନ୍ତି ଯେ ହେ ଲୋକମାନେ ! ମୁଁ ସାହାବାମାନଙ୍କ ସହିତ ପରାମର୍ଶ କରିବା ପରେ ମୋ ଅନ୍ତେ ଖିଲାଫତ ନିମନ୍ତେ ଉମର ର ଅଙ୍କୁ ଚୟନ କରିଛି । କ'ଣ ତୁମମାନେ ମଧ୍ୟ ତାଙ୍କୁ ଖଲିଫା ଭାବରେ ଅନୁମୋଦନ କରୁଅଛ କି? ଏଥିରେ ସମସ୍ତେ ରାଜି ହୋଇଥିଲେ । ଏହା ବି ତ ଗୋଟିଏ ପ୍ରକାରର ନିର୍ବାଚନ ହିଁ ଥିଲା ।'' ***(ଖିଲାଫତେ ରାଶଦାଃ, ଅନଓ୍ୱାରୁଲ ଉଲୁମ, ଖ-୧୫, ପୃ-୫୫୫)***

ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଅସୁସ୍ଥତା ଏବଂ ୱସିୟତ (ୱିଲ) ସମ୍ବନ୍ଧରେ ତାରିଖେ ତବରୀରେ ଆହୁରି ଅଧିକା ଏପରି ଉଲ୍ଲେଖ ରହିଛି ଯେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଅସୁସ୍ଥତା ଏବଂ ଦେହାନ୍ତର ଚର୍ଚ୍ଚା ଏପରି କରାଯାଇଅଛି ଯେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଅସୁସ୍ଥତା ଯୋଗୁଁ ଏପରି ହେଲା ଯେ ୭ ଜମାଦିଲ ଆଖିର ସୋମବାର ଦିନ ଆପଣ ର ଅ ଗାଧୋଇଥିଲେ । ସେହି ଦିନ ଭିଷଣ ଥଣ୍ଡା ଥିଲା । ସେଇଥିପାଇଁ ତାଙ୍କୁ ଜ୍ୱର ହୋଇଗଲା ଏବଂ ଜ୍ୱର ପନ୍ଦର ଦିନ ପର୍ଯ୍ୟନ୍ତ ରହିଲା । ଏପରିକି ଆପଣ ର ଅ ନମାଜ ପଢିବା ପାଇଁ ବାହାରକୁ ଆସିବା ଯୋଗ୍ୟ ରହିଲେ ନାହିଁ । ତେଣୁ ଆପଣ ର ଅ ନିର୍ଦ୍ଦେଶ ଦେଲେ ଯେ ହଜରତ ଉମର ର ଅ ନମାଜ ପଢାଇବା ଜାରି ରଖନ୍ତୁ । ଲୋକମାନେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କୁ ଦେଖା କରିବାକୁ ଆସୁଥିଲେ । କିନ୍ତୁ ଦିନକୁ ଦିନ ତାଙ୍କର ଅବସ୍ଥା ବିଗିଡି ଚାଲିଥିଲା । ସେ ସମୟରେ ହଜରତ ଅବୁ ବକର ସିଦ୍ଦିକ ର ଅ ସେହି ଘରେ ରହୁଥିଲେ ଯେଉଁ ଘରଟିକୁ ରସୁଲେ କରିମ ସ ଆ ସ ତାଙ୍କୁ ଭେଟି ଦେଇଥିଲେ ଏବଂ ତାହା ହଜରତ ଉସମାନ ବିନ ଅଫାନ ର ଅଙ୍କ ଘର ସାମନାରେ ଅବସ୍ଥିତ ଥିଲା । ଅସୁସ୍ଥ ରହିବା ସମୟରେ ହଜରତ ଉସମାନ ର ଅ ଅଧିକାଂଶ ସମୟ ତାଙ୍କର ଦେଖଭାଲ କରୁଥିଲେ । ଯତ୍ନ ନେଉଥିଲେ ।

***(ତାରିଖେ ତିବରୀ ଖ-୦୨, ପୃ-୩୪୮, ଦାରୁଲ କୁତୁବୁଲ ଅଲମିୟା ବେରୁତ ଲେବନାନ ୨୦୧୨)***

ହଜରତ ଅବୁ ବକର ସିଦ୍ଦିକ ର ଅ ପନ୍ଦର ଦିନ ପର୍ଯ୍ୟନ୍ତ ବେମାର ପଡ଼ିଥିଲେ । କେହି ଜଣେ ତାଙ୍କୁ କହିଲେ ଯେ ଆପଣ ଡାକ୍ତରଙ୍କୁ ଡାକି ଦେଖାନ୍ତୁ ଭଲ ହେବ । ଏଥିରେ ହଜରତ ଅବୁ ବକର ସିଦ୍ଦିକ ର ଅ କହିଲେ : ସେ ମତେ ଦେଖିସାରିଛନ୍ତି । ଲୋକମାନେ ପଚାରିଲେ ଯେ ସେ ଆପଣଙ୍କୁ କଣ କହିଲେ ? ଆପଣ ର ଅ କହିଲେ : ସେ ମୋତେ କହିଲେ ଯେ ଇନ୍ନି ଅଫଅଲୁ ମା ଅଶାଉ ଅର୍ଥାତ ମୁଁ ଯାହା ଚାହିଁଥାଏ କରିଥାଏ ।

***(ତାରିଖେ ତିବରୀ ଖ-୦୨, ପୃ-୩୪୭, ଦାରୁଲ କୁତୁବୁଲ ଅଲମିୟା ବେରୁତ ଲେବନାନ ୨୦୧୨)***

ଆଉ ଗୋଟିଏ ରିଓ୍ୱାୟତରେ ଆସିଛି ଯେ ଯେବେ ହଜରତ ଅବୁ ବକର ର ଅ ବେମାର ପଡିଲେ, ଲୋକମାନେ ପଚାରିଲେ ଯେ କ'ଣ ଆମେ ଆପଣଙ୍କ ପାଇଁ ଡାକ୍ତର ଡାକି ଆଣିବୁ କି ? ଏଥିରେ ହଜରତ ଅବୁ ବକର ର ଅ କହିଲେ : ସେ ମତେ ଦେଖି ସାରିଛି । ଏବଂ କହିଛି ଯେ ଇନ୍ନି ଫାଅଲୁନ ଲିମା ଉରିଦୁ ଅର୍ଥାତ ମୁଁ ଯାହା ଚାହିଁବି ତାହା ନିଶ୍ଚିତ ଭାବେ କରିବି । ***(ତବକାତୁଲ କୁବରା ଲିଇବନେ ସାଆଦ୍, ଖ-୦୩, ପୃ-୧୪୮, ଅବୁ ବକର ସିଦ୍ଦିକ, ଜିକର ୱସାୟା ଅବି ବକର, ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୧୨)***

ସେ ଯାହା ବି ହେଉ ହଜରତ ଅବୁ ବକର ର ଅଙ୍କୁ ଏହି କଥା କହିବାର ଅଭିପ୍ରାୟ ଏହା ଥିଲା ଯେ ଏବେ ଅଲ୍ଲାଃତାଲାଙ୍କର ଏହି ଇଚ୍ଛା ଯେ ସେ ମତେ ତାହାଙ୍କ ପାଖକୁ ଡାକିନେବେ । ଆଉ କୌଣସି ଡାକ୍ତରଙ୍କର ଆବଶ୍ୟକତା ନାହିଁ ।

ହଜରତ ଅବୁ ବକର ର ଅ ତେର ହିଜରୀ, ବାଇଶି ଜମାଦିଲ ଆଖିର ମଙ୍ଗଳବାର ଦିନ ସନ୍ଧ୍ୟାରେ ୬୩ ବର୍ଷ ବୟସରେ ମୃତ୍ୟୁ ବରଣ କରିଥିଲେ । ତାଙ୍କ ଖିଲାଫତର କାଳ ଦୁଇ ବର୍ଷ ତିନି ମାସ ଦଶ ଦିନ ଥିଲା । ***(ତବକାତୁଲ କୁବରା ଲିଇବନେ ସାଆଦ୍, ଖ-୦୩, ପୃ-୧୫୧, ଅବୁ ବକର ସିଦ୍ଦିକ, ଜିକର ୱସାୟା ଅବି ବକର, ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୧୨)***

ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ମୁହଁରୁ ଯେଉଁ ଶେଷ ବାକ୍ୟ ବାହାରି ଥିଲା, ତାହା ପବିତ୍ର କୁରଆନର ଏହି ପବିତ୍ର ଆୟତ ଥିଲା ଯେ ତଓ୍ୱଫନୀ ମୁସଲିମନ୍ ୱ ଅଲହିକନୀ ବିସ ସ୍ୱାଲିହୀନା (ୟୁସୁଫ : ୧୦୨) ଅର୍ଥାତ -ମତେ ଆଜ୍ଞାବହତା ସ୍ୱୀକାର କରିବା ଅବସ୍ଥାରେ ମରିବାକୁ ଦିଅନ୍ତୁ ଏବଂ ମତେ ସ୍ୱାଲେହୀନ (ଅର୍ଥାତ ଧାର୍ମିକମାମାନ)ଙ୍କ ମଧ୍ୟରେ ଗଣନା କରନ୍ତୁ । ***(ହଜରତ ଅବୁ ବକର ସିଦ୍ଦିକ ଅକବର ର ଅ ଅଜ ମୁହମ୍ମଦ ହୁସୈନ ହୈକଲ...ପୃ-୪୭୮, ଇସଲାମୀ କୁତୁବ ଖାନାଃ ଲାହୋର)***

ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ମୁଦିର ନକ୍ସାରେ ନେମଲ କାଦିରୁଲ୍ଲାଃ ଥିଲା ଯାହାର ଅର୍ଥ ହେଉଛି "ଅଲ୍ଲାଃ ହେଉଛନ୍ତି ସର୍ବଶକ୍ତିମାନ'' ***(ତବକାତୁଲ କୁବରା ଲିଇବନେ ସାଆଦ୍, ଖ-୦୩, ପୃ-୧୫୮, ଅବୁ ବକର ସିଦ୍ଦିକ, ଜିକର ୱସାୟା ଅବି ବକର, ଦାରୁଲ କୁତୁବୁଲ ଅଲମିୟା ବେରୁତ ୧୯୯୦)***

ହଜରତ ଆଇଶା ର ଅ କୁହନ୍ତି ଯେ ହଜରତ ଅବୁ ବକର ସିଦ୍ଦିକ ର ଅ କହିଥିଲେ ମୋ ତଜହିଜ୍ ୱ ତକଫିନ (ଅର୍ଥାତ ମୋ ଅନ୍ତ୍ୟେଷ୍ଟି କ୍ରିୟା) ଶେଷ କରିବା ପରେ ଦେଖିବ ଯେ କିଛି ଜିନିଷ ବାକି ରହିଯାଇ ନାହିଁ ତ ? ବାକୁ ଜିନିଷ ହଜରତ ଉମର ର ଅଙ୍କୁ ଦେଇଦେଇଥିଲି । ଯଦି ଥାଏ ତେବେ ତାକୁ ମଧ୍ୟ ହଜରତ ଉମର ର ଅଙ୍କ ନିକଟକୁ ପଠାଇଦେବ । ତଜହିଜ୍ ୱ ତକଫିନ (ଅର୍ଥାତ ମୋ ଅନ୍ତ୍ୟେଷ୍ଟି କ୍ରିୟା) ବିଷୟରେ କହିଲେ :ବର୍ତମାନ ଯେଉଁ କପଡ଼ା ଶରୀରରେ ପିନ୍ଧା ହୋଇଛି, ତାକୁ ଧୋଇ ଅନ୍ୟ କପଡା ସହିତ କଫନ ଦେବ । ହଜରତ ଆଇଶା ର ଅ କହିଲେ ଇଏ ତ ପୁରୁଣା କନା । କଫନ ପାଇଁ ନୂଆ ବସ୍ତ୍ର ହେବା ଉଚିତ । ହଜରତ ଅବୁ ବକର ର ଅ କହିଲେ : ମୃତ ଲୋକମାନଙ୍କ ଅପେକ୍ଷା ଜୀବିତ ଲୋକମାନେ ନୂଆ କପଡା ପିନ୍ଧିବାକୁ ଅଧିକ ହକଦାର ଅଟନ୍ତି । ***(ସିରସ୍ ସାହାବାଃ, ଖ-୦୧, ପୃ-୫୦, ଦାରୁଲ ଇଶାଅତ କରାଚି)*** ଯାହା ନୂଆ କପଡା ଅଛି ତାକୁ କୌଣସି ଜୀବିତ ଲୋକକୁ ପିନ୍ଧାଇଦିଅ ଏହା ସବୁଠାରୁ ଭଲ ।

ହଜରତ ଆଇଶା ର ଅ ବର୍ଣ୍ଣନା କରିଛନ୍ତି ଯେ ହଜରତ ଅବୁ ବକର ର ଅଓ୍ୱସିୟତ କରିଥିଲେ ଯେ ତାଙ୍କର ପତ୍ନୀ ହଜରତ ଅସମାଅ ବିନତ ଅମିସ୍ ଆପଣଙ୍କୁ ଗାଧୋଇ ଦେବେ । ହଜରତ ଅବୁ ବକର ର ଅଙ୍କ ସୁପୁତ୍ର ହଜରତ ଅବ୍ଦୁର ରହମାନ ତାଙ୍କୁ ସହଯୋଗ କରିଲେ । ହଜରତ ଅବୁ ବକର ର ଅଙ୍କ କଫନ ପାଇଁ ଦୁଇଟି କପଡା ବ୍ୟବହାର ହୋଇଥିଲା । ସେଥିମଧ୍ୟରୁ ଗୋଟିଏ ଗାଧୋଇବା ପାଇଁ ବ୍ୟବହାର କରାଯାଇଥିଲା । ଆଉ ଗୋଟିଏ ରିଓ୍ୱାୟତରେ ଏହା ବି ଆସିଛି ଯେ ତାଙ୍କୁ ତିନୋଟି କପଡାରେ କଫନ ଦିଆଯାଇଥିଲା । ତାପରେ ତାଙ୍କୁ ନବି କରିମ ସ ଆ ସଙ୍କ ଖଟିଆରେ ରଖାଗଲା । ଏହା ସେହି ଖଟିଆ ଥିଲା ଯାହା ଉପରେ ହଜରତ ଆଇଶା ର ଅ ଶୋଉଥିଲେ । ତାଙ୍କର ଜନାଯାଃ (ଅନ୍ତିମ ସଂସ୍କାର) ଏହି ଖଟିଆ ଜରିଆରେ କରାଯାଇଥିଲା । ହଜରତ ଉମର ର ଅ ରସୁଲୁଲ୍ଲାଃ ସ ଆ ସ ଙ୍କ କବର ଏବଂ ତାହାଙ୍କ ମେମ୍ବର ମଧ୍ୟବର୍ତି ସ୍ଥାନରେ ତାଙ୍କର ଜନାଯାଃ ପଢାଇଥିଲେ । ହଜରତ ଅବୁ ବକର ର ଅଙ୍କୁ ରାତି ସମୟରେ ସେହି କୋଠରୀରେ ରସୁଲୁଲ୍ଲାଃ ସ ଆ ସ ଙ୍କ କବର ନିକଟରେ କବର ଦିଆଗଲା । ହଜରତ ଅବୁ ବକର ର ଅଙ୍କ ମୁଣ୍ଡକୁ ରସୁଲୁଲ୍ଲାଃ ସ ଆ ସ ଙ୍କ କାନ୍ଧ ସମାନରେ ରଖାଯାଇଥିଲା । ***(ଅଲମୁସତଦରକ ହାକିମ, ଖ-୦୩, ପୃ-୬୬, ହଦିସ ନଂ-୪୪୦୯ ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୨)***

ତଦଫିନ (କବର) ଦେବା ବେଳେ ହଜରତ ଉମର ବିନ ଖତାବ ର ଅ, ହଜରତ ଉସମାନ ବିନ୍ ଅଫାନ ର ଅ, ହଜରତ ତଲହା ବିନ ଅବ୍ଦୁଲ୍ଲାଃ ର ଅ ଏବଂ ହଜରତ ଅବ୍ଦୁର ରହମାନ ବିନ ଅବୁ ବକର ର ଅ କବର ଭିତରେ ପଶି କବର ଦେଇଥିଲେ । ଇବନେ ଶିହାବଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜରତ ଉମର ର ଅ ହଜରତ ଅବୁ ବକର ସିଦ୍ଦିକ ର ଅ ଙ୍କୁ ରାତି ସମୟରେ ଦଫନ କରିଥିଲେ । ***(ତବକାତୁଲ କୁବରା ଲିଇବନେ ସାଆଦ୍, ଖ-୦୩, ପୃ-୧୫୬, ଅବୁ ବକର ସିଦ୍ଦିକ, ଦାରୁଲ କୁତୁବୁଲ ଅଲମିୟା ବେରୁତ ୧୯୯୦)***

ହଜରତ ସାଲିମ ବିନ ଅବ୍ଦୁଲ୍ଲାଃ ର ଅ ତାଙ୍କ ବାପାଙ୍କଠାରୁ ରିଓ୍ୱାୟତ କରିଛନ୍ତି ଯେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଦେହାନ୍ତର କାରଣ ରସୁଲୁଲ୍ଲାଃ ସ ଆ ସ ଙ୍କ ବିୟୋଗର ଦୁଃଖ ଥିଲା । କାରଣ ରସୁଲୁଲ୍ଲାଃ ସ ଆ ସ ଙ୍କ ଦେହାନ୍ତ ପରେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଶରୀର ଦିନକୁ ଦିନ ଦୁର୍ବଳ ହୋଇଗଲା ଏବଂ ଏହି ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଗଲା । ***(ଅଲମୁସତଦରକ ହାକିମ, ଖ-୦୩, ପୃ-୬୬, ହଦିସ ନଂ-୪୪୧୦ ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୨)***

କେତେକ ଜୀବନୀ ଲେଖକ ଏହା ବର୍ଣ୍ଣନା କରିଛନ୍ତି ଯେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଦେହାନ୍ତର କାରଣ ସେହି ଖାଦ୍ୟ ଥିଲା ଯେଉଁଥିରେ ଜଣେ ଇହୁଦୀ ବିଷ ମିଶାଇ ଦେଇଥିଲା । କିନ୍ତୁ ସାଧାରଣତଃ ଜୀବନୀ ଲେଖକମାନେ ଏହି ରିଓ୍ୱାୟତକୁ ରଦ୍ଦ ମଧ୍ୟ କରିଛନ୍ତି । ***(ସିରତ ସୟଦନା ସିଦ୍ଦିକ ଅକବର ର ଅ ଅଜ ଉମର ଅବୁଲ ନସର (ମୁତରଜିମ) ପୃ-୭୨୬ ମୁଶତାକ ବୁକ କର୍ଣ୍ଣର ଲାହୋର)***

ହଜରତ ଆଇଶା ର ଅ ବର୍ଣ୍ଣନା କରିଛନ୍ତି ଯେ ଯେବେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଦେହାନ୍ତର ସମୟ ପାଖେଇ ଆସିଲା, ସେ ପଚାରିଲେ ଯେ ଆଜି କେଉଁ ଦିନ ? ଲୋକମାନେ କହିଲେ ଯେ ଆଜି ହେଉଛି ସୋମବାର । ହଜରତ ଅବୁ ବକର ସିଦ୍ଦିକ ର ଅ କହିଲେ ଯଦି ଆଜି ମୁଁ ମରିଯାଏ ତାହେଲେ କାଲିକୁ ଅପେକ୍ଷା କରିବ ନାହିଁ । କାରଣ ମତେ ସେହି ଦିନ ବା ରାତି ଅତି ପ୍ରିୟ ଯାହା ରସୁଲୁଲ୍ଲାଃ ସ ଆ ସଙ୍କ ଅଧିକ ନିକଟତର ।***(ମସନଦ ଅହେମଦ ବିନ ହମ୍ବଲ୍ ଖ-୦୧, ପୃ-୮୮, ମସନଦ ଅବି ବକର ଅସସିଦ୍ଦିକ, ହଦିସ ନଂ-୪୫ ଆଲିମୁଲ କୁତୁବ ବେରୁତ ୧୯୯୮)***ଅର୍ଥାତ ମୋର କବର ଯଦି ସେଠାରେ ହୋଇଯିବ ତାହେଲେ ଭଲ ହେବ ।

ହଜରତ ଅବୁ ବକର ସିଦ୍ଦିକ ର ଅ ନିଜର

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2023-2025 Vol.8 Thursday 19 Jan 2023 Issue No.03

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.11.50/-) (**WEIGHT** - 20-50gms/issue)

ତରକାଃ (ଅର୍ଥାତ ଉତରାଧିକାରୀମାନଙ୍କ ପାଇଁ ଛାଡି ଯାଇଥିବା ସମ୍ପତି) ବିଷୟରେ କହିଲେ ଯେ ମୋ ଅନ୍ତେ ପବିତ୍ର କୁରଆନର ନିର୍ଦ୍ଦେଶାବଳୀ ମୁତାବକ ଏହାକୁ ବଂଟନ କରିଦେବ । (ସିରତ ଖୁଲୁଫାଏ ରାଶେଦୀନ ଅଜ ମୁହମ୍ମଦ ଇଲୟାସ ଆଦିଲ,ପୃ-୧୫୨ମୁଶତାକ ବୁକ କର୍ଣ୍ଣର ଲାହୋର)

ସେହିପରି ଆଉ ଏକ ରିୱାୟତ ଏପରି ରହିଛି ଯେ ହଜରତ ଅବୁ ବକର ସିଦ୍ଦିକ ର ଅ ନିଜର ତରକାଃ (ଅର୍ଥାତ ଉତରାଧିକାରୀମାନଙ୍କ ପାଇଁ ଛାଡି ଯାଇଥିବା ସମ୍ପତି) ମଧ୍ୟରୁ ନିଜ ସମ୍ପର୍କୀୟମାନଙ୍କ ପାଇଁ ,ଯେଉଁମାନେ ତାଙ୍କର ଉତରାଧିକାରୀ ନଥିଲେ,ସେମାନଙ୍କ ପାଇଂ ଏକପଂଚମାଂଶ ୱସିୟତ କରିଥିଲେ । ***(ହଜରତ ଅବୁ ବକର ସିଦ୍ଦିକ ଅକବର ର ଅ ଅଜ ମୁହମ୍ମଦ ହୁସୈନ ହୈକଲ...ପୃ-୪୭୫,ଇସଲାମୀ କୁତୁବଖାନା ଲାହୋର )***

ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ପତ୍ନୀ ଏବଂ ସନ୍ତାନମାନଙ୍କ ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କର ଚାରିଜଣ ପତ୍ନୀ ଥିଲେ । ନଂ ୦୧- କୁତୈଲାଃ ବିନତ ଅବ୍ଦୁଲ ଉଜ୍ଜା । ତାଙ୍କ ଇସଲାମ ଗ୍ରହଣ କରିବା ବିଷୟରେ ମତଭେଦ ରହିଛି । ସେ ହଜରତ ଅବ୍ଦୁଲ୍ଲାଃ ର ଅ ଏବଂ ହଜରତ ଅସମାଅ ର ଅଙ୍କ ମାଆ ଥିଲେ । ହଜରତ ଅବୁ ବକର ସିଦ୍ଦିକ ର ଅ ତାଙ୍କୁ ଜାହିଲିୟତ (ଅର୍ଥାତ ଇସଲାମର ପୂର୍ବବର୍ତୀ ସମୟ)ରେ ତଲାକ ଦେଇଥିଲେ । ସେ ଥରେ ମଦିନାରେ ହଜରତ ଅସମାଅ ର ଅ ଅର୍ଥାତ ନିଜ ଝିଅଙ୍କ ନିକଟକୁ କିଛି ଘିଅ ଏବଂ ପନିର ଉପହାର ସଦୃଶ ଘେନି ଆସିଥିଲେ କିନ୍ତୁ ହଜରତ ଅସମାଅ ର ଅ ସେହି ଉପହାର ନେବାକୁ ମନା କରିଦେଲେ ଏବଂ ତାଙ୍କୁ ଘରେ ପ୍ରବେଶ କରିବାକୁ ବି ଅନୁମତି ଦେଲେ ନାହିଁ । ପୁଣି ହଜରତ ଆଇଶା ର ଅଙ୍କ ନିକଟକୁ କହି ପଠାଇଲେ ଯେ ଏ ସମ୍ବନ୍ଧରେ ରସୁଲୁଲ୍ଲାଃ ସ ଆ ସଙ୍କଠାରୁ ବୁଝି କହିବେ । ହଜରତ ଆଇଶା ର ଅଙ୍କୁ କହିଲେ ଯେ ଟିକିଏ ପଚାରି କହିବେ ଯେ ମୋ ମାଆ ଏହିପରି ସାମାନ ଧରି ଆସିଛନ୍ତି । ଉପହାର ଆଣିଛନ୍ତି । ମୁଁ ତାଙ୍କୁ ଘରେ ପ୍ରବେଶ କରିବାକୁ ବି ଅନୁମତି ଦେଲିନାହିଁ । ଏ ବାବତରେ ରସୁଲୁଲ୍ଲାଃ ସ ଆ ସ କ'ଣ ନିର୍ଦ୍ଦେଶ ଦେଉଛନ୍ତି ? ଏଥିରେ ରସୁଲୁଲ୍ଲାଃ ସ ଆ ସ କହିଲେ ଯେ ତାଙ୍କୁ ଘରକୁ ଆସିବାକୁ ଦିଅନ୍ତୁ ଏବଂ ତାଙ୍କର ଉପହାରକୁ ଗ୍ରହଣ କରନ୍ତୁ।

ଦୁଇ ନଂରେ ଯେଉଁ ପତ୍ନୀ ଅଛନ୍ତି ସେ ହେଉଛନ୍ତି ହଜରତ ଉମ୍ମେ ରୁମାନ ବିନତ ଆମିର ର ଅ । ତାଙ୍କର ସମ୍ବନ୍ଧ ବନୁ କିନଆନ ବିନ ଖୁଜୈମାଃ କବିଲା ସହିତ ଥିଲା । ତାଙ୍କର ପ୍ରଥମ ସ୍ୱାମୀ ହାରିସ ବିନ ସଖବରାଃ ମକ୍କାଠାରେ ମୃତ୍ୟୁ ବରଣ କରିଥିଲେ । ତାପରେ ସେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ନିକାହରେ ଆସିଥିଲେ । ସେ ପ୍ରାରମ୍ଭରୁ ଇସଲାମ ଗ୍ରହଣ କରିଥିଲେ ଏବଂ ରସୁଲୁଲ୍ଲାଃ ସ ଆ ସ ଙ୍କ ବୟତ କରିଥିଲେ । ପୁଣି ମଦିନା ହିଜରତ କରିଥିଲେ । ତାଙ୍କ ଗର୍ଭରୁ ହଜରତ ଅବ୍ଦୁର ରହମାନ ର ଅ ଏବଂ ହଜରତ ଆଇଶା ର ଅ ଜନ୍ମ ହୋଇଥିଲେ । ତାଙ୍କର ଦେହାନ୍ତ ୦୬ ହିଜରୀରେ ମଦିନାରେ ହୋଇଥିଲା । ନବି କରିମ ସ ଆ ସ ସ୍ୱୟଂ ତାଙ୍କ କବର ଭିତରେ ପ୍ରବେଶ କରି ତାଙ୍କ ପାଇଁ ମଗଫିରତ (କ୍ଷମା)ର ଦୁଆ କରିଥିଲେ ।

ତୃତୀୟ ପତ୍ନୀ ହେଉଛନ୍ତି ହଜରତ ଅସମାଅ ବିନତ ଉମୈସ୍ ବିନ ମାବଦ ବିନ ହାରିସ । ତାଙ୍କର କୁନିୟତ (ଉପନାମ) ଥିଲା ଉମ୍ମେ ଅବ୍ଦୁଲ୍ଲାଃ । ସେ ମୁସଲମାନମାନଙ୍କ ଦାରେ ଅରକମରେ ପ୍ରବେଶ କରିବା ପୂର୍ବରୁ ହିଁ ଇସଲାମ ଗ୍ରହଣ କରି ନବି କରିମ ସ ଆ ସଙ୍କ ବୟତ କରିସାରିଥିଲେ । ସେ ପ୍ରାରମ୍ଭିକ ହିଜରତକାରୀମାନଙ୍କ ମଧ୍ୟରେ ଥିଲେ । ସେ ତାଙ୍କ ପୂର୍ବ ସ୍ୱାମୀ ହଜରତ ଜାଫର ବିନ ଅବୁ ତାଲିବ ର ଅଙ୍କ ସହିତ ପ୍ରଥମେ ହବଶା ଆଡ଼କୁ ହିଜରତ କରିଥିଲେ । ସେଠାରୁ ୭ ହିଜରିରେ ମଦିନା ଚାଲି ଆସିଲେ । ୮ ହିଜରୀରେ ମୌତା ଯୁଦ୍ଧ ଅନୁଷ୍ଠିତ ହେଲା । ସେହି ଯୁଦ୍ଧରେ ଯେବେ ହଜରତ ଜାଫର ବିନ ଅବୁ ତାଲିବ ର ଅ ଶହୀଦ ହୋଇଗଲେ,ସେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ନିକାହରେ ବିବାହ ହୋଇ ଆସିଥିଲେ । ତାଙ୍କ ଗର୍ଭରୁ ମୁହମ୍ମଦ ବିନ ଅବୁ ବକର ଜନ୍ମ ହୋଇଥିଲେ ।

ଚତୁର୍ଥ ପତ୍ନୀ ଜଣଙ୍କ ହେଉଛନ୍ତି ହଜରତ ହବିବାଃ ବିନତ ଖାରିଜାଃ ବିନ ଜୈଦ୍ ବିନ ଅବୁ ଜୁହୈର । ତାଙ୍କର ସମ୍ବନ୍ଧ ଅନସାରମାନଙ୍କର ଶାଖା ଖଜରଜ ସହିତ ଥିଲା । ହଜରତ ଅବୁ ବକର ସିଦ୍ଦିକ ର ଅ ମଦିନର ଦେହାତି ଇଲାକାରେ ଥିବା ସୁନହଠାରେ ତାଙ୍କ ସହିତ ରହୁଥିଲେ । ତାଙ୍କ ଗର୍ଭରୁ ହଜରତ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଝିଅ ଉମ୍ମେ କୁଲସୁମ ଜନ୍ମ ହୋଇଥିଲେ । ଯାହାର ଜନ୍ମ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଦେହାନ୍ତର କିଛି ଦିନ ପରେ ହୋଇଥିଲା ।

ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ସନ୍ତାନମାନଙ୍କ ମଧ୍ୟରେ ତିନିଜଣ ପୁଅ ଏବଂ ତିନିଜଣ ଝିଅ ଥିଲେ । ପ୍ରଥମ ପୁତ୍ର ଥିଲେ ହଜରତ ଅବ୍ଦୁର ରହମାନ ବିନ ଅବୁ ବକର ର ଅ । ସେ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କର ସବୁଠାରୁ ବଡ଼ ପୁଅ ଥିଲେ । ସେ ହୁଦବିୟା ଦିନ ମୁସଲମାନ ହୋଇଥିଲେ । ତାପରେ ପୁଣି ଇସଲାଲମ ଉପରେ ପ୍ରତିଷ୍ଠିତ ରହିଥିଲେ । ତାଙ୍କୁ ରସୁଲୁଲ୍ଲାଃ ସ ଆ ସଙ୍କ ସାଥିତା ମିଳିଥିଲା । ସେ ନିଜର ସାହସ ତଥା ନିର୍ଭିକତା ପାଇଁ ବହୁତ ପ୍ରସିଦ୍ଧ ଥିଲେ । ଇସଲାମ ଗ୍ରହଣ କରିବା ପରେ ତାଙ୍କର ମନୋଭାବ ପ୍ରଶଂସନୀୟ ଥିଲା ।

ଦ୍ୱିତୀୟ ପୁତ୍ର ଥିଲେ ହଜରତ ଅବ୍ଦୁଲ୍ଲାଃ ବିନ ଅବୁ ବକର ର ଅ । ରସୁଲୁଲ୍ଲାଃ ସ ଆସଙ୍କ ମଦିନା ହିଜରତ କରିବା ସମୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେ ଦିନ ତମାମ ମକ୍କାରେ ବିତାନ୍ତି ଏବଂ ମକ୍କାବାସୀଙ୍କ ଖବର ଏକାଠି କରି ପୁଣି ରାତି ସମୟରେ ଗୁପ୍ତରେ ଗୁମ୍ଫାରେ ପହଂଚି ରସୁଲୁଲ୍ଲାଃ ସ ଆସ ଏବଂ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କୁ ଖବର ଶୁଣାନ୍ତି । ତାପରେ ପୁଣି ସକାଳ ହେବା ମାତ୍ରେ ମକ୍କା ଫେରିଯାଆନ୍ତି । ତାଏଫ ଯୁଦ୍ଧରେ ତାଙ୍କୁ ଗୋଟିଏ ତୀର ବାଜିଥିଲା । ସେହି ଆଘାତ ଠିକ ହୋଇନଥିଲା । ପରିଶେଷରେ ସେହି କାରଣରୁ ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଖିଲାଫତ କାଳରେ ସେ ଶହୀଦ ହୋଇଗଲେ ।

ତୃତୀୟ ପୁତ୍ର ଥିଲେ ମୁହମ୍ମଦ ବିନ ଅବୁ ବକର । ସେ ଅସମାଅ ବିନତ ଉମୈସଙ୍କ ଗର୍ଭରୁ ଜନ୍ମ ହୋଇଥିଲେ । ହୁଜ୍ଜତୁଲ ୱିଦାଅ ଅବସରରେ ଜୁଲ ହଲିଫାଠାରେ ସେ ଜନ୍ମ ଗ୍ରହଣ କରିଥିଲେ । ସେ ହଜରତ ଅଲୀଙ୍କ କୋଳରେ ବଢିଛନ୍ତି । ଏବଂ ହଜରତ ଅଲୀ ର ଅ ନିଜ ସମୟରେ ତାଙ୍କୁ ମିଶରର ଗଭର୍ନର ଭାବରେ ନିଯୁକ୍ତି ଦେଇଥିଲେ । ତାଙ୍କୁ ସେହିଠାରେ ହିଁ ମାରିଦିଆଗଲା । କେତେକ ରିୱାୟତରେ ଆସିଛି ଯେ ହଜରତ ଉସମାନ ର ଅଙ୍କୁ ହତ୍ୟାକରିଥିବା ଲୋକମାନଙ୍କ ମଧ୍ୟରେ ତାଙ୍କ ନାମ ମଧ୍ୟ ରହିଛି । ସେଇଥିପାଇଁ ତାଙ୍କୁ ହତ୍ୟା କରାଯାଇଥିଲା । ୱଲ୍ଲାହୁ ଆଲମୁ । ଅର୍ଥାତ ଅଲ୍ଲାଃ ହିଁ ସର୍ବଜ୍ଞ ।

ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ସନ୍ତାନମାନଙ୍କ ମଧ୍ୟରେ ଚତୁର୍ଥ ସନ୍ତାନ ଥିଲେ ହଜରତ ଅସମାଅ ବିନତ ଅବୁ ବକର ର ଅ । ସେ ଜାତୁନ ନତାକୀନ ନାମରେ ପ୍ରଶିଦ୍ଧ ଥିଲେ । ସେ ହଜରତ ଆଇଶା ର ଅଙ୍କଠାରୁ ବୟସରେ ବଡ଼ ଥିଲେ । ରସୁଲୁଲ୍ଲାଃ ସ ଅସ ତାଙ୍କୁ ଜାତୁନ ନତାକୀନ ଉପନାମ ପ୍ରଦାନ କରିଥିଲେ । କାରଣ ହିଜରତ କରିବା ସମୟରେ ସେ ରସୁଲୁଲ୍ଲାଃ ସ ଅ ସ ଏବଂ ନିଜ ବାପା ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ପାଇଁ ଖାଇବା ପିଇବା ଜିନିଷ ପ୍ରସ୍ତୁତ କରିଲେ ଏବଂ ତାହାକୁ ବାନ୍ଧିବା ପାଇଁ କୌଣସି ଜିନିଷ ନ ମିଳିବାରୁ ସେ ନିଜ ଅଂଟାରେ ବନ୍ଧା ହୋଇଥିବା ରସିକୁ ଛିଣ୍ଡାଇ ଖାଦ୍ୟକୁ ବାନ୍ଧିଥିଲେ । ଖାଇବା ପାଇଁ ଯାହା କିଛି ପ୍ରସ୍ତୁତ କରିଥିଲେ ତାହାକୁ ସେହି ଅଂଟାର କପଡ଼ାରେ ବାନ୍ଧି ଦେଇଥିଲେ । ହଜରତ୍ ଜୁବୈର ବିନ ଅୱାମଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ଗର୍ଭବତୀ ଥିବା ସମୟରେ ସେ ମକ୍କାରୁ ମଦିନା ହିଜରତ କରିଥିଲେ । ହିଜରତ ପରେ ତାଙ୍କ ଗର୍ଭରୁ ହଜରତ ଅବ୍ଦୁଲ୍ଲାଃ ବିନ ଜୁବୈର ଜନ୍ମ ହୋଇଥିଲେ ।ଅବ୍ଦୁଲ୍ଲାଃ ବିନ ଜୁବୈର ହିଜରତ ପରେ ଜନ୍ମ ନେଇଥିବା ପ୍ରଥମ ପିଲା ଥିଲା । ହଜରତ ଅସମାଅ ର ଅ ଶହେ ବର୍ଷ ବଂଚିଥିଲେ । ତାଙ୍କର ଦେହାନ୍ତ ମକ୍କାରେ ୭୩ ହିଜରୀରେ ହୋଇଥିଲା ।

ପଂଚମ ସନ୍ତାନ ହଜରତ ଉମ୍ମୁଲ ମୁମିନିନ ହଜରତ ଆଇଶା ର ଅ ବିନତ ଅବୁ ବକର ଥିଲେ । ସେ ନବି କରିମ ସ ଆ ସଙ୍କ ପବିତ୍ର ପତ୍ନୀ ଥିଲେ । ସେ ମହିଳାମାନଙ୍କ ମଧ୍ୟରେ ସବୁଠାରୁ ଅଧିକା ଜ୍ଞାନୀ ଥିଲେ । ରସୁଲେ କରିମ ସ ଆ ସ ତାଙ୍କୁ ଉମ୍ମେ ଅବ୍ଦୁଲ୍ଲାଃ ଉପନାମ ପ୍ରଦାନ କରିଥିଲେ । ରସୁଲେ କରିମ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ ......*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan